# ସ୍ୱାମୀ ଦେହରେ ନିଆଁ ଲଗାଇଲେ ସ୍ତ୍ରୀ

**ଭଦ୍ରକ ଅଫିସ, ୨୪।୨:** ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଧୀନ ଡାକଚୁକିଆ ମହଲାରେ ଶନିବାର ବିଳମ୍ବିତ ରାତିରେ ପାରିବାରିକ କଳହକୁ କେନ୍ଦ୍ର କରି ଶେଖ୍ ଇସ୍‌ମାଇଲ(୩୦)ଙ୍କ ଦେହରେ କିରୋସିନ ଢାଳି ତାଙ୍କ ସ୍ତ୍ରୀ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଶେଖ୍ ଇସ୍‌ମାଇଲଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ଶେଖ୍ ଇସ୍‌ମାଇଲ୍‌ଙ୍କ ବାପା ଶେଖ୍ ରଫିକ୍ ତାଙ୍କ ବୋହୂ ରିଙ୍କି ବିବିଙ୍କ ନାଁରେ ଥାନାରେ ଏତଲା ଦାଏର କରିଛନ୍ତି। ପୁରୁଣାବଜାର ଥାନା ପୋଲିସ ଏକ ମାମଲା(ନଂ.୪୦/୧୯) ରୁଜୁ କରି ତଦନ୍ତ ଚଳାଇଛି।

# ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

**ଧାମନଗର, ୨୪।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ବୟାଙ୍ଗଡିହି ଗ୍ରାମର ସୁନାଦୋକାନୀ ରଘୁନାଥ ନନ୍ଦୀଙ୍କଠାରୁ ରବିବାର ସକାଳେ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଲୁଟ୍ ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ରଘୁନାଥ ସକାଳେ ଦୋକାନ ଖୋଲିବା ପାଇଁ କୋଠାର ଛକକୁ ଯାଉଥିଲେ। ନସଲାପୁର ବାଙ୍କରେ ଏକ ଧଳା ରଙ୍ଗର ପଲସର ବାଇକ୍‌ରେ ୨ ଜଣ ଯୁବକ ଆସି ତାଙ୍କ ଉପରକୁ ପାଣି ଛାଟି ଦେଇଥିଲେ। ସେ ସାଇକେଲରୁ ଓହ୍ଲାଇବା ବେଳେ ସାଇକେଲରେ ଝୁଲୁଥିବା ବ୍ୟାଗକୁ ଲୁଟେରାମାନେ ଝାମ୍ପିନେଇ ଧାମନଗର ଆଡ଼କୁ ପଳାଇ ଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ନଗଦ ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନାଗହଣା ଥିବା ଅଭିଯୋଗରେ ଦର୍ଶାଯାଇଛି।

# ଆମ ପୋଲିସ ବୈଠକ

**ଭଣ୍ଡାରିପୋଖରୀ, ୨୪।୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ପରିସରରେ ରବିବାର ବରିଷ୍ଠ ନାଗରିକ ମଞ୍ଚ ଓ ଆମ ପୋଲିସ ବୈଠକ ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଥାନା ଏଏସ୍‌ଆଇ ବିକ୍ରମ ହେମ୍ବ୍ରମ, ଅବସରପ୍ରାପ୍ତ ଶିକ୍ଷକ ନଟବର ରାଉଳ, ସୁରେନ୍ଦ୍ରନାଥ ଦାସ, ରାମଚନ୍ଦ୍ର ପରିଡା, ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତଚନ୍ଦ୍ର କରଣ, ଧନେଶ୍ୱର ଜେନା, ବସନ୍ତ ରାଉତ ପ୍ରମୁଖ ଯୋଗଦେଇ ନିଜ ପାଇଁ ନ ବଞ୍ଚି ଅନ୍ୟମାନଙ୍କୁ ବଞ୍ଚିବାର ରାହା ଦେଲେ ତାହା ଯଥାର୍ଥ ମାନବିକତାର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡଠାରେ ଏକ ଓଭରବ୍ରିଜ ନିର୍ମାଣ ଲାଗି ଜିଲାପାଳଙ୍କୁ ଦାବି ପ୍ରଦାନ ନେଇ ଆଲୋଚନା ହୋଇଥିଲା। ଭଣ୍ଡାରିପୋଖରୀ ଥାନା ସମଗ୍ର ଜିଲାରେ ଏକ ଆଦର୍ଶ ଥାନା ହେବ ବୋଲି ଥାନାଧିକାରୀ ସୁକାନ୍ତି କେରେଇ ବକ୍ତବ୍ୟ ରଖିଥିଲେ। ଅନନ୍ତ ଚରଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# କିଷାନ ସମ୍ମାନ ନିଧି ଯୋଜନାର ଭିଡିଓ କନଫରେନ୍ସିଂ

**ବନ୍ତ, ୨୪।୨ (ଡି.ଏନ୍.ଏ.):** ବନ୍ତ ବ୍ଲକ ଛୟାଳସିଂଠାରେ ଉତ୍ତରପ୍ରଦେଶ ଗୋରଖପୁରରେ ଆୟୋଜିତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଶୁଭାରମ୍ଭର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ ହଜାର କୋଟି ଟଙ୍କାର ନଣ୍ଡାଲଠାରୁ ଗୋରଖପୁର ପର୍ଯ୍ୟନ୍ତ ପାଇପ୍ ଲାଇନ, କିଷାନ କ୍ରେଡିଟ୍ କାର୍ଡ ପ୍ରଦାନ ସମେତ ବିଭିନ୍ନ ଯୋଜନା ଶୁଭାରମ୍ଭର ଦୃଶ୍ୟ ସିଧାପ୍ରସାରଣ କରାଯାଇଥିଲା। ଏଥିସହ କେରଳ, ତାମିଲନାଡୁ, ଓଡ଼ିଶା, ପଶ୍ଚିମବଙ୍ଗ ଆଦି ରାଜ୍ୟର ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବାର୍ତ୍ତାଳାପ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଚାଷୀଙ୍କ ଖାତାକୁ ପ୍ରଥମ କିସ୍ତିରେ ୨ ହଜାର ଲେଖାଏ ଟଙ୍କା ପ୍ରଦାନ କରିଥିବା ବେଳେ ମୋଟ ୬ ହଜାର ଟଙ୍କା ମିଳିବ ବୋଲି ସୂଚନା ଦେଇଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, ବନ୍ତ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କା, ଆଇନଜୀବୀ ବନମାଳି ଜେନା, ବରଡେଶ୍ୱର ମଣ୍ଡଳ ସମ୍ପାଦକ ରାଜୀବ ଲୋଚନ ସାହୁ, ବରଡେଶ୍ୱର ମଣ୍ଡଳ ସଭାପତି ଗୌରହରି ନନ୍ଦ, ବନ୍ତ ମଣ୍ଡଳ ସମ୍ପାଦକ ଖଗେଶ୍ୱର ବେହେରା, ପୂର୍ବତନ ସରପଞ୍ଚ ମନୋଜ ବଳ, ତପନ କୁମାର ବାରିକ, ନବକିଶୋର ବଳ, ନିର୍ମଳ କର, ଉଜ୍ଜ୍ୱଳ କୁମାର ରାଉତ, କରୁଣାକର ସାହୁ, ଭାସ୍କର ଚନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ■ ଟାଏକୋଣ୍ଡୋ ଆସୋସିଏଶନର କଲର ବେଲ୍ଟ ଟେଷ୍ଟ

# ଭାଗ ନେଲେ ୧୯୦ ଛାତ୍ରୀଛାତ୍ର



ଟାଏକୋଣ୍ଡୋ କଲର ବେଲ୍ଟ ଟେଷ୍ଟରେ ଭାଗ ନେଇଥିବା ପ୍ରତିଯୋଗୀମାନେ

**ଭଦ୍ରକ ଅଫିସ, ୨୪।୨**

ଭଦ୍ରକ ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ୨୨ତମ କଲର ବେଲ୍ଟ ଟେଷ୍ଟ ଓ ପ୍ରମାଣପତ୍ର ପ୍ରଦାନ ଉତ୍ସବ କାରମେଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍କୁଲରୁ ମୋଟ ୧୯୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ୪ ଘଣ୍ଟା ବ୍ୟାପି ଏହି ପରୀକ୍ଷାକୁ କଟକ ଜିଲା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ସୁଧାକର ଜେନା, ଯାଜପୁର ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ଦଶରଥ ସ୍ୱାଇଁ, ଢେଙ୍କାନାଳର ପ୍ରଶିକ୍ଷକ ସୌମ୍ୟରଞ୍ଜନ ବେହୁରା, ଭଦ୍ରକ ଆସୋସିଏଶନର ପ୍ରଶିକ୍ଷକ ଧନେଶ୍ୱର ଜେନା, ସତ୍ୟବ୍ରତ ଜେନା, ପ୍ରଶିକ୍ଷିକା ତାରିଣୀ ସାହୁ ପରିଚାଳନା କରିଥିଲେ। ଭଦ୍ରକ ଆସୋସିଏଶନର ସମ୍ପାଦକ ସଂଗ୍ରାମ ତ୍ରିପାଠୀ, ସହସମ୍ପାଦକ ସୁରେଶ ନାୟକ ପ୍ରମୁଖ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ସେଠୀ, ଶୁଭ୍ରଜ୍ୟୋତି ତ୍ରିପାଠୀ, ବିରେନ କୁମାର ବେହେରା, ଦିଲୀପ କୁମାର ବେହେରା, ଜଗନ୍ନାଥ ଜେନା, ପ୍ରେମଶଙ୍କର ମିଶ୍ର ଓ କାରମେଲ ସ୍କୁଲ ଅଧ୍ୟାପିକା ଶାଶ୍ୱତି ନାୟକ ପ୍ରମୁଖ ସହଯୋଗ କରଥିଲେ। ପ୍ରତିଯୋଗିତା ଶେଷରେ ପ୍ରମାଣ ପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜ୍ୟୋତି କନଭେଣ୍ଟ ସ୍କୁଲର ପ୍ରିନ୍ସିପାଲ ଫାଦର୍ ଭର୍ଗିଜ ଏବଂ ଅନ୍ୟତମ ଅତିଥି ଭାବେ କାରମେଲ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ବିନିଥା, ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, କୋଷାଧ୍ୟକ୍ଷା ସଂଘମିତ୍ରା ଦାସ, ଆଇନଜୀବୀ ଶ୍ରୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ବେଲ୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା ତରଫରୁ କ୍ରୀଡ଼ାବିତ୍‌ମାନେ ଆକର୍ଷଣୀୟ ସାମରିକ କଳା ପ୍ରଦର୍ଶନ କରିଥିଲେ।

# ଯାଦବ ମହାସଂଘର କାର୍ଯ୍ୟକାରିଣୀ

**ଆରଡ଼ି, ୨୪।୨ (ଡି.ଏନ.ଏ.):** ଧାମନଗର ବ୍ଲକ ଯାଦବ ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ପୂର୍ବାହ୍ନରେ ପାଳସାହିଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ବାରିକ ସଞ୍ଚାଳନ କରିଥିଲେ। ଆକୁଳି ଚରଣ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଉପଦେଷ୍ଟା ଅନୀଲ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଯୁବ ଯାଦବ ସଂଘ ସଭାପତି ରବିନାରାୟଣ ଖିଲାର, ପ୍ରକାଶଜ୍ୟୋତି ମହାକୁଲ, ସତ୍ୟସୁନ୍ଦର ପରିଡା, ନିମାଇଁ ଚରଣ ବାରିକ, ରାମଚନ୍ଦ୍ର ପରିଡା, ବିଶ୍ୱମ୍ଭର ଦାସ ପ୍ରମୁଖ ସଂଘ ବାବଦରେ ଆଲୋକପାତ କରିଥିଲେ। ଯାଦବ ମହାସଂଘ ଏକମାତ୍ର ସଂଘ ଯାହାର ସଦସ୍ୟମାନେ ନିଷ୍ଠାର ସହ କାର୍ଯ୍ୟ କରନ୍ତି। ବିନା ସ୍ୱାର୍ଥରେ ଅନ୍ୟକୁ ସାହାଯ୍ୟର ହାତ ବଢାନ୍ତି ବୋଲି ବରିଷ୍ଠ କର୍ମକର୍ତ୍ତାମାନେ କହିଥିଲେ। ଶେଷରେ ମାଧବ ଚନ୍ଦ୍ର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**4 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ **₹1,000.00 କୋଟି** ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଛନ୍ତି ।

ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ମାଧ୍ୟମରେ **ଫେବୃୟାରୀ 26, 2019 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ । ଏ ସମ୍ପର୍କୀୟ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟ - **(www.rbi.org.in)** ରେ **ଫେବୃୟାରୀ 22, 2019 (ଶୁକ୍ରବାର)** ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଇ-ମେଲ/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"






## ସଂକ୍ଷେପରେ

### ଡିଭାଇଡରରେ ପିଟି ହେଲା ବାଇକ୍, ଯୁବକ ମୃତ

**ରୂପ୍‌ସା, ୨୪।୨(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ନହରପାଟଣା-ବୈଶିଙ୍ଗା ରାସ୍ତାର ସାହୁପଡ଼ା ଛକଠାରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଲେଶ୍ୱରରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବୈଶିଙ୍ଗା ଥାନା କଣ୍ଟିପୁର ଗ୍ରାମର ହରିଶ ମହାକୁଡ଼ ଓ ପ୍ରଭାକର ମହାକୁଡ଼ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ଡିଭାଇଡରରେ ବାଡ଼େଇ ହୋଇଯାଇଥିଲେ। ଫଳରେ ବାଇକ୍‌ରେ ବସିଥିବା ପ୍ରଭାକର ଛିଟିକି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ରବିବାର କଟକ ମେଡ଼ିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୪୬/୧୯) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

**ଖଇରା, ୨୪।୨(ଡି.ଏନ.ଏ.):** ସୋର-କୁପାରୀ ରାସ୍ତାର ଝାଟିଆ ଛକ ନିକଟରେ ଗୁରୁବାରି ସିଂ ନାମକ ଏକ ୧୦ ବର୍ଷର ଝିଅ ପାଖ ଦୋକାନରେ ଛିଡ଼ା ହୋଇ ଚକୋଲେଟ କିଣୁଥିବା ବେଳେ ଏକ କାର୍ ତାକୁ ପଛପଟୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଜନସାଧାରଣ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ଆହତଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେହିପରି ମହେନ୍ଦ୍ର ସାହୁ (୪୦) ବାଇକ୍ ଯୋଗେ ସୋର କମରପୁରରୁ ଖଇରା ନନ୍ଦୋରୁ ଅଭିମୁଖେ ଆସୁଥିବା ବେଳେ ଓଝାପୋଖରୀ - ନନ୍ଦୋର ମଧ୍ୟବର୍ତ୍ତୀ ସ୍ଥଳରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ମହେନ୍ଦ୍ର ସାହୁଙ୍କୁ ସୋର ଓ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

**ଜଳେଶ୍ୱର, ୨୪।୨(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ଅଧୀନ ଲକ୍ଷ୍ମଣନାଥ ପଞ୍ଚାୟତ ଗୋପ ଗ୍ରାମରେ ଥିବା ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ ତମ ଆବିର୍ଭାବ ମହୋତ୍ସବ ପାଳିତ ହୋଇଯାଇଛି। ବ୍ରହ୍ମମୁହୂର୍ତ୍ତରୁ ବେଦ ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ପ୍ରାର୍ଥନା ପରେ ଏକ ସତ୍‌ସଙ୍ଗ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଡାକ୍ତର ମୂରଲୀଧର ଦାସଙ୍କ ସଭାପତିତ୍ୱରେ ପ୍ରାକ୍ତନ ଅଧାପକ ଡ. ହରପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଠାକୁର ମାନବ ସମାଜ ପ୍ରତିକରୁଣାର ସାଗର ଥିଲେ। ସହ-ପ୍ରତିଋତ୍ୱିକ ଗଣେଶ ଚନ୍ଦ୍ର ଜେନା, ପରିମଳ ରଞ୍ଜନ ଭୂୟାଁ, ଅମୀୟ ରତନ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯାଯକ ପାର୍ଥସାରଥୀ ରାଉଳ, ଶାନ୍ତନୁ ସେନାପତି, ଜଳଧର ସାହୁ, ସୁବ୍ରତ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।

### ସ୍କୁଲ ପ୍ରତିଷ୍ଠାତାଙ୍କ ସ୍ମୃତିସଭା

**ଖଇରା, ୨୪।୨(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୁପାରୀ ହାଇସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ମଦନ ମୋହନ ସେଣ୍ଡଙ୍କ ବିୟୋଗରେ ଏକ ସ୍ମୃତିସଭା କୁପାରୀଠାରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପଣ୍ଡିତ ବାସୁଦେବ ପଣ୍ଡା ଭାଗବତ ପାଠ କରିଥିଲେ। ଡା ଉମେଶ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ସ୍ୱାଇଁ, ରବୀନ୍ଦ୍ର କୁମାର ଦାସ, ଅର୍ଜୁନ ଚରଣ ମହାରଣା, ପ୍ରସନ୍ନ ମଉଗଜ, ବିରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୁକ୍ତ ଗିରଫ

**ରୂପ୍‌ସା, ୨୪।୨(ଡି.ଏନ.ଏ.):** ସଦର ଥାନା ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ଶନିବାର ରାତିରେ ଚଢ଼ାଉ କରି ବୈଶିଙ୍ଗା ଥାନା ଗୋବିନ୍ଦରାୟପୁର ଗ୍ରାମର ଚୋରି ଅଭିଯୁକ୍ତ ଶେଖ ହନିଫ ମହମ୍ମଦଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୪୪/୧୯) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଗତ ୨୨ତାରିଖ ରାତିରେ ଫାଣ୍ଡି ଅଧୀନ ଜଙ୍ଗରାଇ ଡିଗି ଛକରେ ଥିବା ଏକ ଭେରାଇଟି ଷ୍ଟୋର ଭାଙ୍ଗି ବହୁ ଦାମୀ ସାମଗ୍ରୀ ସହ ୩ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଚୋରି ଟଙ୍କା ଓ ସାମଗ୍ରୀ ଜବତ କରିଛି।

# ଧାନ କିଣାରେ ଅନିୟମିତତା

**ବସ୍ତା, ୨୪।୨ (ସ୍ୱ.ପ୍ର.)**

### ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର ଜିଲା ବସ୍ତା ସେବା ସମବାୟ ସମିତିରେ ଧାନ କିଣାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଆସନ୍ତା ୭ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସମିତି ସଭାପତି ମନୋଜ କୁମାର ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

ଧାନ କ୍ରୟ କରାଯିବାର ଅବଧି ଚଳିତମାସ ୨୮ତାରିଖ ଥିବା ବେଳେ ସରକାର ଏହା ମଧ୍ୟରେ ଏପ୍ରିଲ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଧାନ କିଣିବା ପାଇଁ ଆଦେଶ ମିଳୁନାହିଁ । ଏଥିଯୋଗୁ ଚାଷୀମାନେ ସମିତିରେ ଆସି ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସରକାରଙ୍କ ନିୟମ ଅନୁସାରେ ପୂର୍ବବର୍ଷରେ ୨୦୦ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ରେଜେଷ୍ଟ୍ରି କରିଥିଲେ। ଚଳିତବର୍ଷ ସେପ୍ଟେମ୍ବର, ଅକ୍ଟୋବର ମାସରେ ସରକାରଙ୍କ ତାଗିଦ୍ ପରେ ମୋଟ ୪୩୭ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ୪୩୭ଜଣଙ୍କ ପାଇଁ ୨୭ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେହି ଅନୁସାରେ ୨୦୧୮ ଡିସେମ୍ବର ୧୯ତାରିଖରେ ପ୍ରଥମ ପର୍ଯ୍ୟାୟରେ ୫ହଜାର କୁଇଣ୍ଟାଲ ଧାନକ୍ରୟ ପାଇଁ ଆଦେଶ ମିଳିବା ପରେ କ୍ରୟ କରାଯାଇଥିଲା। ସେହିପରି ୩ରୁ ୪ ପର୍ଯ୍ୟାୟରେ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୭ହଜାର କୁଇଣ୍ଟାଲ ଧାନକ୍ରୟ ସରିଛି । କିନ୍ତୁ ଅଦ୍ୟାବଧି ଆଉ ୨୦ହଜାର କୁଇଣ୍ଟାଲ ଧାନକ୍ରୟ ପାଇଁ ଆଦେଶ ନ ମିଳିବା ଯୋଗୁ ସମିତି ଚାଷୀଙ୍କଠାରୁ ଧାନ କିଣିପାରୁନାହିଁ। ବସ୍ତା ସେବା ସମବାୟ ସମିତି ପାଇଁ ବାଲେଶ୍ୱରର ୨ଟି ମିଲର ଲକ୍ଷ୍ମୀ ଏଗ୍ରୋ, କୁରୁଡା ଏବଂ କୁରୁଡା ଏସ୍‌ଏନଏମ୍ ଧାନ କିଣିବା ଦାୟିତ୍ୱରେ ଥିବାବେଳେ ସେମାନେ ମଧ୍ୟ ଏ ପ୍ରସଙ୍ଗକୁ ଏଡାଇ ଯାଉଛନ୍ତି । ଉପରିସ୍ଥ ଅଧିକାରୀଙ୍କୁ ସମିତି ତରଫରୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମସ୍ତେ ଧାନ କିଣା ପ୍ରସଙ୍ଗକୁ ଏଡାଇ ଯାଉଛନ୍ତି । ଫଳରେ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସମିତିର ଋଣ ପରିଶୋଧ ପାଇଁ ମଧ୍ୟ ଅସୁବିଧା ହେଉଛି ବୋଲି ଜଣାଇଛନ୍ତି। କୁଣ୍ଡପୁର ଗ୍ରାମନିବାସୀ ଅଦ୍ୱୈତ ବେହେରା ଜଣାଇଛନ୍ତି ଯେ, ଧାନ ବିକ୍ରି ପଇସାରେ ନିଜର କଲେଜ ପଢୁଥିବା ପିଲାର ଖର୍ଚ୍ଚ ତୁଲାଇଥାଆନ୍ତେ, କିନ୍ତୁ ଦୁଖର ବିଷୟ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ବିକ୍ରି କରି ପାରୁ ନ ଥିବାରୁ ଏହା ସମ୍ଭବପର ହୋଇପାରୁନାହିଁ। ବୈଠକରେ ଉପସ୍ଥିତ ସଭ୍ୟମାନେ ସରକାରଙ୍କ ଏପରି ଦୋମୁହାଁ ନୀତି ପାଇଁ ତୀବ୍ର ନିନ୍ଦା କରିବା ସହିତ ତୁରନ୍ତ ଏହାର ସମାଧାନ ଜରୁରୀ ବୋଲି ଜଣାଇଥିଲେ । ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନାମାନ କରୁଥିବାବେଳେ ଏହାର ପରିଚାଳନା ଠିକ୍ ଭାବେ ହୋଇ ପାରୁ ନ ଥିବା ଯୋଗୁ ଚାଷୀମାନଙ୍କ ପାଖରେ ପହଞ୍ଚିପାରୁନାହିଁ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ରବୀନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଗିରି, ଅକ୍ଷୟ କୁମାର ପୃଷ୍ଟି, ନିତ୍ୟାନନ୍ଦ ବିଶ୍ୱାଳ, ହରିହର ପାତ୍ର, ବିଜୟ କୁମାର ସାହୁ, ଦୁର୍ଗା ଟୁଡୁ ଓ ଲକ୍ଷ୍ମୀପ୍ରିୟା ପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ସମସ୍ୟା ବିଷୟରେ ଜଣାଇଥିଲେ ।

## କର୍ମୀ ସମ୍ମିଳନୀ, ବିଜୁ ସେତୁ ଶିଳାନ୍ୟାସ



ବିଧାୟକଙ୍କ ଦ୍ୱାରା ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

**ଖଇରା, ୨୪।୨(ଡି.ଏନ.ଏ.)**

ଖଇରା ବ୍ଲକ ରଟିଣାଠାରେ ଶନିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ରଜକିଶୋର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲାପରିଷଦ ଉପସଭାପତି ଗୌରାଙ୍ଗ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ପତି, ମହିଳାମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର, ମୁକ୍ତିକାନ୍ତ ସ୍ୱାଇଁ, ବିଜୟ ବାରିକ, ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବିଜେଡିର ୧୯ବର୍ଷ ଶାସନ କାଳରେ ଗାଁ ଗାଁରେ ବିକାଶ ସମ୍ଭବ ହୋଇଛି ବୋଲି ପ୍ରକାଶ କରିଥିଲେ। ପରେ ରଟିଣାଠାରେ ଛତୁଆ ପ୍ରସ୍ତୁତି କେନ୍ଦ୍ରର ନୂତନ ଗୃହର ଉଦ୍‌ଘାଟନ କରାଯାଇଥିଲା। ଖଇରା-କୁପାରୀ ରାସ୍ତାଠାରୁ କଅଁଳଖୁଣ୍ଟା ଗ୍ରାମ ମଧ୍ୟରେ ଢ଼ଙ୍କଣ ନଦୀରେ ୨କୋଟି ୫୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପୋଲର ଭିତ୍ତିପ୍ରସ୍ତର ସ୍ଥାପନ ଓ କଅଁଳଖୁଣ୍ଟା ଅଙ୍ଗନୱାଡ଼ି କେନ୍ଦ୍ର ଓ କୋଠଘର ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ସ୍ଥଳରେ ଲମ୍ବୋଦର ବେହେରା ଓ ଚକ୍ରଧର ମହାନ୍ତି ଉପସ୍ଥିତ ଥିଲେ।

## ବାଲେଶ୍ୱରକୁ ହରାଇ ବାଇପାଟଣା ଚାମ୍ପିୟନ

**ବସ୍ତା, ୨୪।୨(ସ୍ୱ.ପ୍ର.)**

ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତର ବିଦ୍ୟାଧରପୁର ଗ୍ରାମରେ ଜୈନ ହୋଣ୍ଡା ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଆଜହର ଚାମ୍ପିୟନ ଟ୍ରଫି ୨୦-୨୦ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ରବିବାର ବାଇପାଟଣା ଓ ବାଲେଶ୍ୱର ଟିମ୍ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା।

### ଆଜାହର ଟ୍ରଫି

ବାଇପାଟଣା ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ବାଇପାଟଣା ୯ ଉଇକେଟ୍ ହରାଇ ୧୬୭ ରନ୍ କରିଥିଲା। ୧୬୮ରନ୍‌ର ବିଜୟ ଲକ୍ଷ୍ୟ ନେଇ ବାଲେଶ୍ୱର ସମସ୍ତ ଉଇକେଟ ହରାଇ ୧୩୯ରନ୍ କରିବାରେ ସମର୍ଥ ହୋଇଥିଲା। ଖେଳ ପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୈନହୋଣ୍ଡାର ନିର୍ଦ୍ଦେଶକ ରବୀନ୍ଦ୍ର ଜୈନ, ସମ୍ମାନୀତ ଅତିଥି ଭାବେ ଶ୍ରୀ ଶ୍ୟାମ କ୍ଲୋଥଷ୍ଟୋର ନିର୍ଦ୍ଦେଶକ ନବରତନ ଶିଖୱାଲ ଓ ସହେଲିର ନିର୍ଦ୍ଦେଶିକା ଡାଲିଆ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ଶ୍ୟାମ କ୍ଲଥଷ୍ଟୋର ପକ୍ଷରୁ ରନର୍ସଅପ୍ ଦଳ ବାଲେଶ୍ୱରକୁ ଟ୍ରଫି ପ୍ରଦାନ କରିଥିବା ବେଳେ ବିଜେତା ବାଇପାଟଣା ଟିମ୍‌କୁ ଜୈନ ହୋଣ୍ଡା ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ଅମ୍ପାୟାର ଭାବେ ଏସ୍.କେ. ଇମ୍‌ତିଆନ୍ ଓ ଏସ୍.କେ. ବଦିରୁଦ୍ଦିନ ଖେଳ ପରିଚାଳନା କରିଥିଲେ। ଏହି ଖେଳକୁ ଏସ୍ କେ. ସିରାଜ, ଏସ୍.କେ. ମୁସ୍ତାକ, ଏସ୍.କେ. ସୋହେଲ, ଏସ୍.କେ. ଏଜାଜ, ଏସ୍.କେ. ଆଜାହାର ପ୍ରମୁଖ ସହଯୋଗ କରିଥିଲେ।





ଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ଖେଳାଳି।

## ନିର୍ମାଣ ଶ୍ରମିକଙ୍କୁ ସଚେତନତା

**ସଜନାଗଡ଼, ୨୪।୨(ଡି.ଏନ.ଏ.)-** ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତର ବାଣ୍ଡିଆପଡ଼ାଠାରେ ବୀର ବିର୍ସାମୁଣ୍ଡା ଯୁବକ ସଂଘ ଆନୁକୂଲ୍ୟରେ ନିର୍ମାଣ ଶ୍ରମିକମାନଙ୍କ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାର ଲେବର ଗଭର୍ନର ଘାସିରାମ ଟୁଡୁ ଉପସ୍ଥିତ ରହି ନିର୍ମାଣ ଶ୍ରମିକ ସଚେତନତା ଶିବିରର ବିଭିନ୍ନ ପ୍ରସଙ୍ଗ ସୁବିଧା, ସୁଯୋଗ ପୁଙ୍ଖାନୁପୁଙ୍ଖିକ ଆଲୋଚନା କରିଥିଲେ। ଶିବିରରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବାଉଲି ବନ୍ଧୁ ସିଂ, ବୁଦ୍ଧିରାମ ସିଂ ଏବଂ ସଦସ୍ୟ ବାଇଧଣ ସିଂ, ଅଜୟ ସିଂ, ଗଗନ ସିଂ, ରମେଶ ସିଂ, ଚନ୍ଦ୍ରମୋହନ ସିଂ, ରବୀନ୍ଦ୍ର ସିଂ, ଜଗନ୍ନାଥ ସିଂ, ରଞ୍ଜନ ସିଂଙ୍କ ସମେତ ସଜନାଗଡ଼ ପଞ୍ଚାୟତ, ଶିଆଡ଼ିମାଳ ପଞ୍ଚାୟତରୁ କର୍ମଜୀବୀ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ଗ୍ରୀନ୍ ଇଣ୍ଡିଆ ବାର୍ତ୍ତାବହଙ୍କୁ ସମ୍ବର୍ଦ୍ଧନା



ସୁଶାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରୂପ୍‌ସା, ୨୪।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରାଜଘାଟସ୍ଥିତ ବେଣାପୁରା ଜୀବନସାଥି ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ 'ଗ୍ରୀନ ଇଣ୍ଡିଆ, କ୍ଲିନ ଇଣ୍ଡିଆ'ର ବାର୍ତ୍ତାବହ ପଶ୍ଚିମବଙ୍ଗ କଲିକତା ଅଞ୍ଚଳର ସୁଶାନ୍ତ କରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଙ୍ଗଠନର ସମ୍ପାଦକ ଅଧାପକ ଦୀପ୍ତିମାନ ପତି, କର୍ମକର୍ତ୍ତା ସନ୍ୟାସୀ ପ୍ରଧାନ, ଅକ୍ଷୟ ମିଶ୍ର, ଅନନ୍ତ ମାଝି, ଅନନ୍ତ ବେହେରା, ଅଭିରାମ ବେହେରା ପ୍ରମୁଖ ଭାରତକୁ ସ୍ୱଚ୍ଛ ଓ ସବୁଜ କରି ଗଢ଼ି ତୋଳିବାର ବାର୍ତ୍ତା ପ୍ରଦାନ କରୁଥିବା କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ସାଇକେଲ ଯୋଗେ ପଶ୍ଚିମବଙ୍ଗରୁ ବାହାରି ତାମିଲନାଡୁ, ବିହାର, କେରଳ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ପରିଭ୍ରମଣ କରି ଓଡ଼ିଶାରେ ପହଞ୍ଚିଛନ୍ତି। ତାଙ୍କର ପରିବେଶ ପ୍ରତି ଏଭଳି ମହାନ ଚିନ୍ତାଧାରାକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।

## ବଣପାରିଆରେ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା

**ଖଇରା, ୨୪।୨ (ଡି.ଏନ.ଏ.):** ଖଇରା ବ୍ଲକ ଖଇରା ପଞ୍ଚାୟତ ଅଧୀନ ବଣପାରିଆ ଶ୍ୟାମସୁନ୍ଦରଜୀଉ ମନ୍ଦିର ପ୍ରାଙ୍ଗଣରେ ପାର୍ଶ୍ୱ ଦେବତା ଗଣେଶ, ଶିବ, ମଦନମୋହନ, ବାମନ, ନୃସିଂହ, ପର୍ଶୁରାମ, ବରାହ ଓ ନବଗ୍ରହଙ୍କର ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ କର୍ମ ୨୦ ଓ ୨୧ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ସଦସ୍ୟମାନଙ୍କ ଦ୍ୱାରା ଅଧିବାସ କର୍ମ ସମ୍ପନ୍ନ ହୋଇଥିଲା। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ବିଗ୍ରହଙ୍କ ସ୍ନାନ ଓ ଯଜ୍ଞାଦିକର୍ମର ଆୟୋଜନ କରାଯାଇଥିଲା। ଆନନ୍ଦ ଦାସ, ଭାଗିରଥି ପାଢ଼ୀ, ଶିବ ଦାସ, ବାବୁ ଦାସ, ବ୍ରଜ ଦାସ, ନରେନ୍ଦ୍ର ଦାସ ପ୍ରମୁଖଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ଗଜେନ୍ଦ୍ର ସାହୁ ସମସ୍ତ ଭକ୍ତଙ୍କ ପ୍ରସାଦସେବନର ବ୍ୟବସ୍ଥା କରିଥିଲେ। ସମସ୍ତ ବଣପାରିଆ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଷଠୀରେ ବିଷ୍ଣୁ ଯଜ୍ଞ, ବ୍ରାହ୍ମଣ ମହାସଭା



ମହାସଭାରେ ବ୍ରାହ୍ମଣ ସମିତିର କର୍ମକର୍ତ୍ତାମାନେ।

**ବାହାନଗା, ୨୪।୨(ଡି.ଏନ.ଏ.)**

ବାହାନଗା ବ୍ଲକ ଷଠୀ ଗ୍ରାମରେ ଥିବା ଖୋଜେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ବିଷ୍ଣୁ ପୂଜା ଉପଲକ୍ଷେ ବିଷ୍ଣୁ ଯଜ୍ଞ ଅନୁଷ୍ଠିତ ହେବା ସହିତ ଆଞ୍ଚଳିକ ବ୍ରାହ୍ମଣ ସମିତି ତରଫରୁ ମହାସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆର୍ଯ୍ୟ ବ୍ରାହ୍ମଣ ପରିଷଦର ପ୍ରତିଷ୍ଠାତା ସ୍ୱର୍ଗତ ନୀଳମଣି ଦାଶଶର୍ମାଙ୍କ ଜନ୍ମ ଶତବାର୍ଷିକ ପାଳନ ହେବା ସହିତ 'ଉତ୍କଳ ନୀଳମଣି' ନାମକ ସ୍ମୃତି ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଷଠୀ ଗ୍ରାମରେ ଲକ୍ଷ୍ମୀ ନାରାୟଣ ପୂଜା ସହିତ ବିଷ୍ଣୁଙ୍କ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୮ ବ୍ରାହ୍ମଣଙ୍କ ଦ୍ୱାରା ବିଷ୍ଣୁଙ୍କ ସହସ୍ର ନାମ ପାଠ କରାଯାଇଥିଲା। ପରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହାପରେ ଆଞ୍ଚଳିକ ବ୍ରାହ୍ମଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ ତଥା ଜିଲା କମିଟିର ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଗୌରଚନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶକ୍ତିପଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରାହ୍ମଣମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବ୍ଲକ ସମ୍ପାଦକ ପ୍ରଭାକର ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ପଣ୍ଡିତ ଦିବାକର ରଥ, ପଣ୍ଡିତ କୈଳାସ ଚନ୍ଦ୍ର ମିଶ୍ର, ଅଧାପକ ଯଦୁନାଥ ମିଶ୍ର, ସର୍ବେଶ୍ୱର ପତି, ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବ୍ରାହ୍ମଣମାନଙ୍କ ସମସ୍ୟା ଓ ସରକାରଙ୍କଠାରେ ବିଭିନ୍ନ ଦାବି ଉପରେ ଆଲୋକପାତ କରିବା ସହିତ ସ୍ୱର୍ଗତ ନୀଳମଣିଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବକ୍ତବ୍ୟ ରଖିଥିଲେ। ପରେ ନୀଳମଣିଙ୍କ ସ୍ମୃତିଚାରଣ ସଭାରେ ତାଙ୍କ ଶତବାର୍ଷିକ ଉପଲକ୍ଷେ ତାଙ୍କ ପୁଅଙ୍କ ଦ୍ୱାରା କରାଯାଇଥିବା ସ୍ମୃତି ବିଶେଷାଙ୍କ 'ଉତ୍କଳ ନୀଳମଣି'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ହରେକୃଷ୍ଣ ପଣ୍ଡା, ବୁଧିରାମ ପାଣିଗ୍ରାହୀ, ପଣ୍ଡିତ ନାରାୟଣ ଆଚାର୍ଯ୍ୟ, ପଣ୍ଡିତ ଭାସ୍କର ଚନ୍ଦ୍ର ଆଚାର୍ଯ୍ୟ, ବିଜୟ କୁମାର ପାଣିଗ୍ରାହୀ, ତପନ ତ୍ରିପାଠୀ, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ମୁକ୍ତିକାନ୍ତ ପଣ୍ଡା, ନିରଞ୍ଜନ ମହାପାତ୍ର, ଅଧାପକ ମହେଶ୍ୱର ଉପାଧ୍ୟାୟ, ନରହରି ଜେନା, ଖଗପତି ଜେନା, ବେଣୁଧର ନାୟକ, ଷଠୀ କମିଟିର ସଭାପତି ପୂର୍ଣ୍ଣେନ୍ଦୁ କୁମାର ଜେନା, ସମ୍ପାଦକ ଶରତ କୁମାର ସାମଲ, କୋଷାଧ୍ୟକ୍ଷ ନିରଞ୍ଜନ ପରିଡ଼ା, ନିରଞ୍ଜନ ମହାନ୍ତି, ସାବିତ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ମୋହରିର ସଂଘର କର୍ମକର୍ତ୍ତା ନିର୍ବାଚନ

## ଗିରିଶ ଦତ୍ତ ସଭାପତି

**ବାଲେଶ୍ୱରଅଫିସ, ୨୪।୨:** ବାଲେଶ୍ୱର ଜିଲା ମୋହରିର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଥିବା ସମସ୍ତ ସଭ୍ୟମାନଙ୍କର ସର୍ବସମ୍ମତିକ୍ରମେ ଉପଦେଷ୍ଟାମଣ୍ଡଳୀ ଓ ନୂତନ କର୍ମକର୍ତ୍ତାମାନଙ୍କୁ ବଛାଯାଇଛି। ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର, ମୂରଲୀଧର ସେନାପତି, ଭାସ୍କର ଚନ୍ଦ୍ର ମହାପାତ୍ର, ତ୍ରିଲୋଚନ ଖଟୁଆ, ମହେଶ୍ୱର ମହାନ୍ତି ଏବଂ ସଭାପତି ଭାବେ ଗିରିଶ କୁମାର ଦତ୍ତ, ଉପସଭାପତି ହରେକୃଷ୍ଣ ମହାନ୍ତି, ସମ୍ପାଦକ ନିରାକର ରାଉତ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ଯୁଗ୍ମସମ୍ପାଦକ ପରେଶ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ଏବଂ ଏକ୍‌ଜିକ୍ୟୁଟିଭ୍ ମେମ୍ବର ପଞ୍ଚାନନ ବେହେରା, ଉମାକାନ୍ତ ଦାସ, ବଂଶୀଧର ନାୟକ, ପରିକ୍ଷୀତ ବେହେରା, ଉମାକାନ୍ତ ବେହେରା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଜନାର୍ଦ୍ଦନ ଦାସ, ନେତ୍ରାନନ୍ଦ ପଣ୍ଡା ଓ ନିଶାକର ପଣ୍ଡା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି।

## 'ଆମ ପିଲାଙ୍କ ଗୀତ' ଲୋକାର୍ପିତ

**ସିମୁଳିଆ, ୨୪।୨(ଡି.ଏନ.ଏ.)**



ଅତିଥିମାନଙ୍କ ଦ୍ୱାରା ଶିଶୁ କବିତା ସଙ୍କଳନ ଲୋକାର୍ପଣ କରାଯାଉଛି।

### ବାର୍ଷିକ ସାଂସ୍କୃତିକ ଉତ୍ସବ

ଶ୍ରୀଅରବିନ୍ଦ ନବୋଦ୍ୟମ ଶିକ୍ଷା ଆଶ୍ରମ ମାତୃଭୂମି ମାର୍କୋଣାର ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପୂର୍ବାହ୍ନ ଅଧିବେଶନକୁ ମାତୃଭକ୍ତ ସୂର୍ଯ୍ୟମଣି ବୋଇତି ପରିଚାଳନା କରିଥିଲେ । ଅଭିଭାବକ, ଆଶ୍ରମର ଅପାଭାଇ ଓ ଶିଶୁମାନଙ୍କ ଦ୍ୱାରା ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଆଶ୍ରମର ମୁଖ୍ୟ ଟ୍ରଷ୍ଟି ଧୀରେନ୍ଦ୍ର କୁମାର ବଳ ଶ୍ରୀମା'ଙ୍କ ରଚନାବଳୀରୁ 'ଆମେ କାହିଁକି ପୃଥିବୀପୃଷ୍ଠକୁ ଆସିଛୁ' ଶୀର୍ଷକରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୀର୍ତ୍ତନ ବିହାରୀ ଦାଶ, ଅର୍ପିତା ନାୟକ, ସ୍ୱର୍ଣ୍ଣଲତା ସାହୁ, ବୈଶାଖି ମହାଳିକ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ମାତୃଭକ୍ତ ଧୀରେନ୍ଦ୍ର କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ ଏକ ସାଧାରଣ ବିଦ୍ୟାଳୟରେ ପାଠପଢି ଜଣେ ଶିଶୁ ବିଶ୍ୱବିଖ୍ୟାତ ହୋଇପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ କୁନିକଥାର ସମ୍ପାଦକ ଶରତ ନାୟକ, ବିଶିଷ୍ଟ ଅତିଥି ରୂପେ ବିଡିଓ ଡ. ନରହରି ବେହେରା, ସମ୍ମାନନୀୟ ଅତିଥି ରୂପେ ବିପିନ ବିହାରୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଷଷ୍ଠ ଶ୍ରେଣୀର ଛାତ୍ର ଅବିସ୍କର ମହାରଣା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଗତ ୧୯୯୧ରୁ ୨୦୧୯ର ରଚନାବଳୀକୁ ନେଇ ଆଶ୍ରମର ଶିଶୁମାନଙ୍କ ଦ୍ୱାରା ରଚିତ ଶିଶୁ କବିତା ସଙ୍କଳନ 'ଆମ ପିଲାଙ୍କ ଗୀତ' ଲୋକାର୍ପିତ ହୋଇଥିଲା । ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତ ରୂପକ 'ଲବଣୀ ଚୋରୀ' ଓ ନାଟକ 'ସହିଦ ବାଜି ରାଉତ' ମଞ୍ଚସ୍ଥ ହୋଇଥିଲା। ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ମାତୃଭକ୍ତ ସୁଧାଂଶୁ ଶେଖର ବେହେରା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ମନୋଜ ମହାପାତ୍ର ।

# 'ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ଜରୁରୀ'

**ଭୋଗରାଇ, ୨୪।୨(ଡି.ଏନ.ଏ.)**





ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

### ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ବାର୍ଷିକୋତ୍ସବ

ଓଡ଼ିଶାର ଛାତ୍ରୀଛାତ୍ରମାନେ ଜାତୀୟ ଓ ଅନ୍ତର୍ଜାତିକ ମେଧା ପ୍ରତିଯୋଗିତା ପରୀକ୍ଷାରେ ସଫଳତା ପାଇବାରେ ବହୁ ପଛରେ ଅଛନ୍ତି। ଏଥିପାଇଁ ଗତାନୁଗତିକ ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ଜରୁରୀ ଅଟେ। ରାଜ୍ୟ ସରକାର ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ଆଗକୁ ନେବା ପାଇଁ ପ୍ରାଥମିକସ୍ତରରୁ ପାସ୍-ଫେଲ୍ ପୁନଃ ପ୍ରଚଳନ ଜରୁରୀ ହୋଇପଡିଛି। ୨୦୧୯-୨୦ ମସିହା ଶିକ୍ଷାବର୍ଷ ଆରମ୍ଭରୁ ନୂତନ ସିଲାବସ୍ ଆରମ୍ଭ ହେବାକୁ ଯାଉଛି। ଏଥିନିମନ୍ତେ ୩୨ଟି ବିଷୟରେ ମାଧ୍ୟମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ୧୮୮୦ ପୃଷ୍ଠା ସମ୍ବଳିତ ଏକ ନୂତନ ସିଲାବସ୍ ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି ବୋଲି ରାଜ୍ୟ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ଉତ୍ତରବାଲେଶ୍ୱରର ସର୍ବବୃହତ୍ ମହାବିଦ୍ୟାଳୟ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚ୍‌ଏସ୍)ର ରବିବାର ୩୯ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ଦେଇଛନ୍ତି।

ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗଦାଧର ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ଦାସ କହିଛନ୍ତି ଯେ, ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା ଓ ଅଧ୍ୟାପକମାନେ ଦରମା ବୃଦ୍ଧି ଦାବି ନ କରି ଗୁଣାତ୍ମକ ଶିକ୍ଷାର ବିକାଶ ପ୍ରତି ଧ୍ୟାନଦେଇ ଓଡ଼ିଆ ଛାତ୍ରୀଛାତ୍ରମାନେ ସବୁ କାର୍ଯ୍ୟ ସଫଳତାର ଦମ୍ ଦେଖାଇବେ। ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ ପରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧାପକ କୃତିବାସ ସାହୁ। ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଅଧାପକ ଡ. ସତୀଶ ଚନ୍ଦ୍ର ପଣ୍ଡା ଛାତ୍ରୀଛାତ୍ରମାନେ ସାଧନା, ଉଚ୍ଚ ଆକାଂକ୍ଷା, ଦୃଢ଼ ମନୋବଳ ଓ ସମର୍ପଣ ଭାବ ରହିଲେ ବଡ଼ମଣିଷ ହେବାର ପ୍ରକ୍ରିୟା ସୃଷ୍ଟି ହୁଏ ବୋଲି ପ୍ରକାଶ କରିଥିଲେ। ମହାବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ ପରେ ଅଧାପକ ବ୍ରଜବିହାରୀ ପତି ଧନ୍ୟବାଦ ଦେଇଥିଲେ। ପରେ ସ୍କାଉଟ୍‌ଗାଇଡ୍ ପକ୍ଷରୁ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ସଂକ୍ଷେପରେ

### ‘ବ୍ଲୁ ବଟନ ଏକ୍ସପ୍ରେସ୍’ ରଥର ମୟୂରଭଞ୍ଜ ପରିକ୍ରମା

**ବାରିପଦା ଅଫିସ,୨୪।୨:** ରାଜ୍ୟ ମୁଖ୍ୟନିର୍ବାଚନ କମିଶନରଙ୍କ ସହଯୋଗ ଓ ଓଡିଶା ଇଲେକ୍ସନ ୱାଚର ତତ୍ତ୍ୱାବଧାନରେ ‘ମୋ ଭୋଟ ମୋ ଦେଶ ମୋ ଭୋଟ ସଉଦା ନୁହେଁ ‘ବାର୍ତ୍ତା ନେଇ ‘ବ୍ଲୁ ବଟନ ଏକ୍ସପ୍ରେସ୍’ ଭୋଟର ସଚେତନତା ଅଭିଯାନ-୨୦୧୯ ରଥ ଓଡିଶାର ସମସ୍ତ ଜିଲାକୁ ପରିକ୍ରମା କରୁଛି। ଏହି କ୍ରମରେ ଉକ୍ତ ରଥ ମୟୂରଭଞ୍ଜ ଜିଲାର ବାରିପଦା ଠାରେ ପହଞ୍ଚିଥିଲା। ଜିଲାପାଳ ବିନିତ ଭରଦ୍ୱାଜ ଓ ସହକାରୀ ଜିଲାପାଳ ସୁଜୟ କୁମାର ପତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ‘ଓଡିଶା ଇଲେକ୍ସନ ୱାଚ, ମୟୂରଭଞ୍ଜର ସଂଯୋଜକ ବିଜୟଲାଲ ମହାନ୍ତ, ସହ ସଂଯୋଜକ ସନ୍ତୋଷ ମହାନ୍ତି, ଜାତୀୟ ସେବା ସଂସ୍ଥା ମୟୂରଭଞ୍ଜର ସଂଯୋଜିକା ଅଧାପିକା ଉଷା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଗ୍ରୀନଫିଲ୍ଡ ଷ୍ଟ୍ରିଟଲାଇଟିଂ ପ୍ରକଳ୍ପ ଉଦ୍‌ଘାଟିତ

**ବାରିପଦା ଅଫିସ, ୨୪।୨:** ବାରିପଦା ପୌରାଞ୍ଚଳର ୧୧ ନମ୍ବର ୱାର୍ଡ ବାରୁଣୀଘାଟ କାଳୀମନ୍ଦିର ନିକଟରେ ଗ୍ରୀନଫିଲ୍ଡ ଷ୍ଟ୍ରିଟଲାଇଟିଂ ପ୍ରକଳ୍ପ ଦ୍ୱାରା ଷ୍ଟ୍ରିଟଲାଇଟ ନ ଥିବା ଅଞ୍ଚଳରେ ସ୍ମାର୍ଟ ଏଲ୍‌ଇଡି ଆଲୋକୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ବାରିପଦା ବିଧାୟକ ତଥା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବାରିପଦା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦାଶଙ୍କ ସହ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ସୂର୍ଯ୍ୟମଣି ଲିମିଟେଡ ପକ୍ଷରୁ ସର୍ବେକ୍ଷଣ କରାଯାଇ ବାରିପଦା ପୌରାଞ୍ଚଳରେ ଥିବା ୯୪ଟି ରାସ୍ତାର ଆଲୋକୀକରଣ ବ୍ୟବସ୍ଥା କରାଯାଇଛି।

# ବାରିପଦାରେ ରିଙ୍ଗରୋଡ ନିର୍ମାଣ ଦିବାସ୍ୱପ୍ନ

ବାରିପଦା ଅଫିସ,୨୪।୨



୨୦୧୩ରେ ରିଙ୍ଗ ରୋଡ ପାଇଁ ସର୍ଭେ କରାଯାଇ ତିଆରି ହୋଇଥିବା ନକ୍ସା ।

- ମାଷ୍ଟର ପ୍ଲାନ ତିଆରି ହୋଇ ଆରମ୍ଭ ହୋଇଥିଲା ସର୍ଭେ କାର୍ଯ୍ୟ
- ଦ୍ୱିତୀୟ ଥର ୨୦୧୯ରେ ଘୋଷଣା ହୋଇଛି
- ଶେଷ କ୍ୟାବିନେଟରେ ହୋଇନାହିଁ ପ୍ରକଳ୍ପ ପାଇଁ ଅର୍ଥ ବ୍ୟୟ ବରାଦ

ବାରିପଦା ସହରର ଐତିହ୍ୟ ଓ ସଂସ୍କୃତି ପ୍ରତି ବୁଢ଼ାବଳଙ୍ଗ ନଦୀର ଅବଦାନ କିଛି କମ୍ ନୁହେଁ। ଅନେକ ସମୟରେ ଏହା ଧ୍ୱଂସ ଲୀଳା ମଧ ରଚନା କରିଛି। ତେବେ ନଦୀର ଗତିପଥ ବଦଳୁ ଥିବାରୁ ସହର ପ୍ରତି ବିପଦ ମାଡ଼ିଆସୁଛି। ୨୦୧୩ ମସିହା ଅକ୍ଟୋବର ୧୩ ତାରିଖରେ ଫାଇଲିନ ବାତ୍ୟା ପ୍ରଭାବରେ ଏହି ନଦୀରେ ବନ୍ୟା ଆସିଥିଲା। ସେ ଦିନର ଲୋମଟାଙ୍କୁରା ଅନୁଭୂତି ଏଯାଏ ଲୋକଙ୍କ ମନରେ ଅଭୁଲା କ୍ଷତ ହୋଇ ରହିଯାଇଛି। ସେତେବେଳେ ରାଜ୍ୟ ସରକାର ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଙ୍ଗ ରୋଡ ନିର୍ମାଣ କରିବା ଲାଗି ଘୋଷଣା କରିଥିଲେ। ଏପରି କି ସର୍ଭେ କାର୍ଯ୍ୟ ଆରମ୍ଭ କରି ନକ୍ସା ମଧ ଜିଲା ପ୍ରଶାସନ ଆରମ୍ଭ କରିଥିଲା। ହେଲେ ଏହି ପ୍ରକଳ୍ପ ପୁଣି ଶୀତଳ ଭଣ୍ଡାରକୁ ଚାଲିଯାଇଥିଲା। ଏହି ଦାବିନେଇ ଗତ ଅକ୍ଟୋବର ୨୮ରେ ମଧୁବନ ଡେଭଲପମେଣ୍ଟ କମିଟି ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ଗତ ଜାନୁୟାରୀ ୩୦ରେ ମୁଖ୍ୟମନ୍ତ୍ରୀ ବାରିପଦାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ସହରରେ ରିଙ୍ଗ ରୋଡ ନିର୍ମାଣ କରାଯିବା ନେଇ ଘୋଷଣା କରିଥିଲେ। ଏହା ପରେ ନିକଟରେ ଜଣେ ଜଳ ସମ୍ପଦ ବିଭାଗର ଅଧିକାରୀ ବାରିପଦା ଗସ୍ତକରି ସର୍ଭେ କରି ଫେରି ଯାଇଛନ୍ତି। ହେଲେ ଆଗକୁ ନିର୍ବାଚନ ଆଚରଣଧିବିଧି ଲାଗିବାକୁ ଥିବାବେଳେ ନିକଟରେ ରାଜ୍ୟ ସରକାରଙ୍କ ଶେଷ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ଏଥିରେ ବାରିପଦା ସହରରେ ରିଙ୍ଗ ରୋଡ ନିର୍ମାଣ ପାଇଁ କୌଣସି ପ୍ରକଳ୍ପ ମଞ୍ଜୁର ହୋଇନାହିଁ। ଏହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଧୁବନ ଡେଭଲପମେଣ୍ଟ କମିଟିର ସମ୍ପାଦକ ବିକ୍ରମ କେଶରୀ ଜେନା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବାରିପଦା ଗସ୍ତବେଳେ ରିଙ୍ଗ ରୋଡ ନିର୍ମାଣ ନେଇ ଘୋଷଣା କରିଥିଲେ କିନ୍ତୁ ଶେଷ କ୍ୟାବିନେଟ ବୈଠକରେ ମଧ ଏହି କାର୍ଯ୍ୟ ପାଇଁ କୌଣସି ଅର୍ଥ ବ୍ୟୟ ବରାଦ କରାଯାଇ ନାହିଁ। ଏପରିସ୍ଥିତିରେ ବାରିପଦାରେ ରିଙ୍ଗରୋଡ ନିର୍ମାଣ ଦିବା ସ୍ୱପ୍ନ ସାଜିଛି। ତେବେ ଏହା ଘୋଷଣାରେ ସୀମିତ ନ କରି ଆସନ୍ତା ବର୍ଷା ଋତୁ ପୂର୍ବରୁ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ବୋଲି ମଧ ସେ କହିଛନ୍ତି।

ପ୍ରକାଶଥାଉ କି ୨୦୧୩ ଫାଇଲିନ ବାତ୍ୟାରେ ପ୍ରବଳ ବର୍ଷା ହୋଇ ନଦୀରେ ଜଳସ୍ତର ବଢ଼ିଥିଲା। ୧୩ ତାରିଖ ଅଚାନକ ଭାବେ ସହର ମଧକୁ ପାଣି ପଶି ଆସିଥିଲା। ୭, ୮, ୯, ୧୦, ୧୧, ୪ ଓ ୨୦ ନମ୍ବର ୱାର୍ଡ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇ ପଡିଥିଲା। ଏତଦ୍‌ବ୍ୟତୀତ ଅନ୍ୟ ୬ଟି ୱାର୍ଡକୁ ମଧ ପାଣି ପଶିଥିଲା। ଏହି ବିପର୍ଯ୍ୟୟ ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଘର, ଧନ ସମ୍ପତ୍ତି, ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୬୨ କୋଟି ୩୪ ଲକ୍ଷ ଟଙ୍କା ଅନୁମୋଦନ କରାଯିବା ଲାଗି ୧୧୭ତମ ଟେକ୍ନିକାଲ ଆଡଭାଇଜରୀ କମିଟି ସୁପାରିଶ କରିଥିଲା। କୁଚେଇ ଘାଟ ଠାରୁ ଦାମୋଦର ଘାଟ ପର୍ଯ୍ୟନ୍ତ ଆଡିବନ୍ଧ ୩ ପର୍ଯ୍ୟାୟରେ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହା ପରେ ଏମ. ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ବାରିପଦା ତହସିଲଦାରଙ୍କ ନେତୃତ୍ୱରେ ୩ ଟି ଟିମ ଗଠନ କରାଯାଇ ସର୍ଭେ କାର୍ଯ୍ୟ କରାଯାଇଥିଲା। ଏହି ସର୍ଭେ କାର୍ଯ୍ୟରେ ରାଜସ୍ୱ ନିରୀକ୍ଷକ ଓ ଅମିନ ଏବଂ ରାଜସ୍ୱ ପର୍ଯ୍ୟବେକ୍ଷକମାନେ ନିୟୋଜିତ ଥିଲେ। କିନ୍ତୁ ଏହି କାର୍ଯ୍ୟ ପରେ ରିଙ୍ଗ ରୋଡ ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ି ନ ଥିଲା। ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ସହରବାସୀଙ୍କ ଦୀର୍ଘ ଦିନର ଦାବିକୁ ପୂରଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

### ବାରାହୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବଡସାହି,୨୪।୨(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ସ୍ଥିତ ବିଶ୍ୱ କଲ୍ୟାଣ ଆଶ୍ରମ ଶାନ୍ତିପୁରୀ ମା’ବାରାହୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନଙ୍କ ସହାୟତାରେ ନିର୍ମାଣ କରାଯାଇଥିବା ନୂତନ ମନ୍ଦିର ପୂର୍ଣ୍ଣାଙ୍ଗ ହେବାରେ ୨୮ବର୍ଷ ଲାଗିଥିଲା। ପ୍ରଫୁଲ୍ଲ ବେହେରା, ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକ, ସ୍ୱର୍ଗତ ପ୍ରଶନ୍ନ ସାହୁ, ସ୍ୱର୍ଗତ ଅନାଦୀ ଚରଣ ଦାସ, ସ୍ୱର୍ଗତ ପ୍ରଶନ୍ନ ଦାସ, ମଧୁସୂଦନ ଦାସ, ସ୍ୱର୍ଗତ ଜୟକୃଷ୍ଣ ରାଉତ, ତତ୍କାଳୀନ ସରପଞ୍ଚ ମହେଶ୍ୱର ସେନାପତି, ରବୀନ୍ଦ୍ର ବେହେରା, ପ୍ରକାଶ ବେହେରା, ସୌମରେନ୍ଦ୍ର ପତିଙ୍କ ପ୍ରଚେଷ୍ଟାରେ ଏହି ମନ୍ଦିର ପୂର୍ଣ୍ଣାଙ୍ଗ ହୋଇଛି। ଉତ୍ସବରେ ଗ୍ରାମ ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଉପସ୍ଥିତ ଥିଲେ। ଏହି ଅବସରରେ କଳସଯାତ୍ରାରେ ଶତାଧିକ ମହିଳାପୁରୁଷ ବଡ଼ସାହି ବାଲିଗଡିଆରୁ ଜଳ ଆଣି ଯଜ୍ଞ ବେଦୀରେ ଘଟ ସ୍ଥାପନା କରିଥିଲେ। ମୁଖ୍ୟ ପୂଜକ ଦୁର୍ଯ୍ୟୋଧନ କରଙ୍କ ପ୍ରତ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳନ କରାଯାଇଥିଲା।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ବହଳଦା, ୨୪।୨ (ଡି.ଏନ.ଏ)



କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଅତିଥିମାନେ।

ବହଳଦା ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଗମ୍ଭାରିଆ ପଞ୍ଚାୟତର ବ୍ରାହ୍ମଣବୋଷ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଝାଡେଶ୍ୱର ମଣ୍ଡଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସାଇବା ସୁଶୀଲ ହାଁସଦା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କୃଷିର ସାମଗ୍ରିକ ବିକାଶ ଓ କୃଷକଙ୍କ ସଶକ୍ତୀକରଣ ବିଷୟରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସରକାରଙ୍କ ଲୋକପ୍ରିୟ ଯୋଜନା କାଳିଆ ଦ୍ୱାରା ନାମମାତ୍ର, କ୍ଷୁଦ୍ରଚାଷୀ ଓ ଭୂମୀହୀନମାନେ କିଭଳି ଉପକୃତ ହେବେ ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ଉଦ୍ୟାନ କୃଷି ବିଭାଗର ସହକାରୀ ଉଦ୍ୟାନବିତ୍ ମାନସିଂହ ସୋରେନ, ଶସ୍ୟ ସଂରକ୍ଷଣ ଅଧିକାରୀ ଡ. ମନୋଜ ଚାନ୍ଦ, ପ୍ରାଣୀଧନ ସମ୍ପଦ ବିଭାଗରୁ ଡ. ଲକ୍ଷ୍ମୀରାଣୀ ମୁଣ୍ଡା, ମୃତ୍ତିକା ସଂରକ୍ଷଣ ବିଭାଗରୁ ଅଶୋକ କୁମାର ରାଉତ ଯୋଗଦେଇ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ମଧୁମିତା ସିଂ କାର୍ଯ୍ୟକ୍ରମ ଓ କୃଷି ବିଜ୍ଞାନୀ ଶରତ ଚନ୍ଦ୍ର ଘୋଷ ସଭା ପରିଚାଳନା କରିଥିଲେ। ବ୍ଲକ ଉପାଧକ୍ଷା ଅନ୍ନପୂର୍ଣ୍ଣା ମହାନ୍ତ, ଉଠାଜଳସେଚନ ବିଭାଗର କମଳାକାନ୍ତ ବେହେରା, ଉଦ୍ୟାନ ବିଭାଗର ଶୁଭଲକ୍ଷ୍ମୀ ବାରିକ, ୱାର୍ଡସଭ୍ୟା ମନିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବହଳଦା କୃଷି ବିଭାଗର ସମସ୍ତ କର୍ମଚାରୀ ଓ କୃଷକସାଥୀ ସହଯୋଗ କରିଥିଲେ। ଶେଷରେ କାଳିଆ ରଥ ଓ ସଚେତନତା ଦାସକାଠିଆ ପ୍ରଦର୍ଶନ କରାଯାଇଥିଲା।

### ମାଗେ ପରବ୍ ପାଳିତ

ବିଶୋଇ, ୨୪।୨(ଡି.ଏନ.ଏ.)

ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବାଡୁଣିଆ ଠାରେ ‘ହୋ’ ସମାଜର ମାଗେ ପରବ ପାଳିତ ହୋଇଯାଇଛି। ଆକାୟର ସଭାପତି କୃଷ୍ଣଚନ୍ଦ୍ର ପିଙ୍ଗୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ବାରଦା, ସମ୍ମାନନୀୟ ଅତିଥି ଭାବେ ସେଲାଏ ପୂର୍ତ୍ତି, ଦୁସୁରୁ ଦେଶାଇ, ଲାଦୁରାମ ବଦରା, ପରମାନନ୍ଦ ପୂର୍ତ୍ତି, ଠାକୁର ବାରଦା, ଗୋବିନ୍ଦ ଚନ୍ଦ୍ର ବାରଦା ପ୍ରମୁଖ ଯୋଗଦେଇଥିଲେ। ଅତିଥି ମାନଙ୍କୁ ପ୍ରଥମେ ପାରମ୍ପରିକ ନୃତ୍ୟରେ ପାଛୋଟି ଅଣାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ‘ହୋ’ ସମାଜର କିପରି ଭାଷା, ସଂସ୍କୃତି, ୱାରାଙ୍ଗଚିତି ଲିପିର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ପାଇଁ ସମସ୍ତେ ସହଯୋଗ କରିବା ପାଇଁ ବକ୍ତାମାନେ ମତପ୍ରକାଶ କରିଥିଲେ। ଶେଷରେ ଲେଙ୍ଗା ଦେଓଗାମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଥିଲେ।

# ମୋତିଆବିନ୍ଦୁ ଚିହ୍ନଟ ଶିବିର

ବାରିପଦା ଅଫିସ,୨୪।୨

୧୧୪ ତମ ବିଶ୍ୱ ରୋଟାରି ଦିବସ ଅବସରରେ ବାରିପଦା ରୋଟାରି କ୍ଲବ ପକ୍ଷରୁ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ୫୦ରୁ ଅଧିକ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ରଙ୍ଗାମଟିଆସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକ ସୁବ୍ରତ କୁମାର ଭୂୟାଁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସଭାପତି ମନୋଜ ଦଳବେହେରା ଶିବିରରେ ଅଧକ୍ଷତା କରିଥିଲେ। ଏଥିସହ ବାରିପଦା ରୋଟାରି କ୍ଲବର ୫୦ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। କ୍ଲବ ସଦସ୍ୟଙ୍କ ଉପସ୍ଥିତିରେ ସଭା ହୋଇଥିଲା। ସମ୍ପାଦକ ନିରୋଜ କୁମାର ପଣ୍ଡା, ପୂର୍ବତନ ସଭାପତି ବିଭୁପ୍ରସାଦ ଦାସ, ଅରୁଣ କୁମାର ଦାଶ, ସୁନିତ ପୁରୀ, ଜିତେନ୍ଦ୍ର ପଟେଲ, ବିରେନ୍ଦ୍ର ନାଥ ସାହୁ, ଶ୍ୟାମଳ ପଟ୍ଟନାୟକ, ସଦସ୍ୟ କମଳାକାନ୍ତ ପ୍ରହରାଜ, ତିମିର କୁମାର ଘୋଷ, କମଳ ଖଣ୍ଡେଲୱାଲ, କଲ୍ଲୋଳ ମୁଖାର୍ଜୀ, ସଚିନ ଗୁପ୍ତା, ଡ.ସୁଶାନ୍ତ କୁମାର ଲେଙ୍କା, ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ଜେନା ଓ ମୋହନ ବର୍ଣ୍ଣୱାଲ ପ୍ରମୁଖ ସହାୟତା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

## ଭଦ୍ରକ

### ଗଡ଼ିଲା ଓଡ଼ିଶା ଇଲେକ୍‌ସନ ୱାଚ୍ ସଚେତନତା ରଥ

ଭଦ୍ରକ ଅଫିସ, ୨୪।୨ - ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ରବିବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଓଡ଼ିଶା ଇଲେକ୍‌ସନ ୱାଚ୍ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଆମ ଦେଶ ଓ ରାଜ୍ୟର ବିକାଶ ପାଇଁ କୌଣସି ପ୍ରଲୋଭନର ଶିକାର ନ ହୋଇ ଉପଯୁକ୍ତ ପ୍ରାର୍ଥୀ ବାଛିବା ଲାଗି ଭୋଟରଙ୍କୁ ସଚେତନ କରାଇବ। ଏହି ରଥ ସମଗ୍ର ଜିଲା ପରିକ୍ରମା କରି ସଚେତନତା କାର୍ଯ୍ୟକ୍ରମ ବଜାୟ ରଖିବ। ଜିଲା ସଂଯୋଜକ ପ୍ରଦୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧାପକ କମଳାକାନ୍ତ ସ୍ୱାଇଁ, ଗୋବିନ୍ଦ ଓଝା, ଅତିଶ ବେହେରା, ନିରୁପମା ମହାନ୍ତି, ଜୟଶ୍ରୀ ମହାନ୍ତି, ମଞ୍ଜୁ ପଣ୍ଡା, ପ୍ରତାପ ପାଢ଼ୀ ଓ ଦେବବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଧାମନଗର, ୨୪।୨ (ଡି.ଏନ.ଏ.):** ଧାମନଗର ବ୍ଲକ ମହିଳା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୟାଙ୍ଗଡିହି ନୂଆହାଟ ମେଳଣ ମଣ୍ଡପରେ ବ୍ଲକ ନେତ୍ରୀ ସୁରତୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ନେତ୍ରୀ ବିଦ୍ୟୁତଲତା ନାୟକ ସଂଯୋଜନା କରିଥିଲେ। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ଓ ସ୍ୱାବଲମ୍ବୀ ପାଇଁ କାର୍ଯ୍ୟ କରିଆସିଛନ୍ତି ବୋଲି କହିଥିଲେ। ମହିଳା ମିଶନ ଶକ୍ତିଠାରୁ ଏସ୍‌ଏସ୍‌ଜି ଗୋଷ୍ଠୀ ଦ୍ୱାରା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ବିଷୟରେ ଗ୍ରାମାଞ୍ଚଳ ମହିଳାଙ୍କୁ ଅବଗତ କରାଇବା ଲାଗି ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା କହିଥିଲେ। ରାଜ୍ୟ ପର୍ଯ୍ୟବେକ୍ଷିକା ସୁନନ୍ଦା ଶତପଥୀ, ଜିଲାନେତ୍ରୀ ଅମିତାବାଳା ଆଚାର୍ଯ୍ୟ, ଟୁନିବାଳା ବିଶ୍ୱାଳ, ବନ୍ତ ବ୍ଲକ ସଭାନେତ୍ରୀ ରେବତୀ ନାୟକ, ସୁକାନ୍ତି ମିଶ୍ର, ସୁନିତା ପାତ୍ର ଓ ସୁପ୍ରଭା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ସୋସିଆଲ ମିଡିଆ ବ୍ଲକ ସଂଯୋଜକ ହିତେଶ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧୂଷୁରୀରେ ଭାଜପାର ବିଶାଳ ଜନସମାବେଶ

ଧାମନଗର, ୨୪।୨ (ଡି.ଏନ.ଏ.)



ହରିହଂଶ ପଡ଼ିଆରେ ସମାବେଶରେ ଯୋଗ ଦେଇଥିବା ଭାଜପା ନେତୃବୃନ୍ଦ।

ଧାମନଗର ବ୍ଲକ ଧୂଷୁରୀ ହରିହଂଶ ପଡ଼ିଆରେ ରବିବାର ବ୍ଲକ ଭାଜପା ପକ୍ଷରୁ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୃଷକ ସମ୍ମାନ ନିଧି କାର୍ଯ୍ୟକ୍ରମ ଲୋକାର୍ପଣ, ମନ୍ କି ବାତ୍ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟର ମାଧମରେ ପ୍ରଦର୍ଶନ କରାଯାଇଥିଲା। ମଞ୍ଚ ନିକଟରେ ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନମାନଙ୍କ ଫଟୋଚିତ୍ର ପାଖରେ ଉପସ୍ଥିତ ଲୋକେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ ଅଧକ୍ଷତା କରିଥିଲେ। ରାଜ୍ୟ ଉପସଭାପତି ବିଷ୍ଣୁ ଚରଣ ସେଠୀ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବହୁ ଜନକଲ୍ୟାଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ସହଯୋଗ କରୁ ନ ଥିବାରୁ ଓଡ଼ିଶାବାସୀ ବିକାଶରୁ ବଞ୍ଚିତ ହେଉଥିବା ବକ୍ତବ୍ୟ ରଖିଥିଲେ। ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ରଞ୍ଜିତା ସ୍ୱାଇଁ, ଉମାମଣି ସାହୁ, ମଣ୍ଡଳ ସଭାପତି ଦୀପ୍ତିରଞ୍ଜନ ଜେନା, ଅରବିନ୍ଦ ପତି, ଅଜୟ ବଳ, ସଦାଶିବ ପୋଥାଳ, ଧାମନଗର ନଗର ସଭାପତି କୈଳାସ ମହାପାତ୍ର, ଜିଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠନାଥ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଅଗାମୀ ସାଧାରଣ ନିର୍ବାଚନରେ ଭାଜପା ରାଜ୍ୟରେ ସରକାର ଗଠନ କରିବା ସହ କେନ୍ଦ୍ରରେ ପୁନର୍ବାର ମୋଦି ସରକାର ବିପୁଳ ସମର୍ଥନରେ ଫେରିବେ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ରେଲୱେ ଏସ୍‌ସି, ଏସ୍‌ଟି କର୍ମଚାରୀ ସଂଘ ବାର୍ଷିକ ଉତ୍ସବ

ଭଦ୍ରକ ଅଫିସ, ୨୪।୨

ସର୍ବଭାରତୀୟ ରେଲୱେ ଏସ୍‌ସି, ଏସ୍‌ଟି କର୍ମଚାରୀ ସଂଘର ଭଦ୍ରକ ଶାଖା ପକ୍ଷରୁ ଚରମ୍ପାସ୍ଥିତ କାର୍ଯ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶାଖା ସଭାପତି ଉମାକାନ୍ତ ସେଠୀ ଅଧକ୍ଷତା କରିଥିଲେ। ଭଦ୍ରକ ଜିଲା ଦଳିତ ମହାସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ମଣ୍ଡଳର ସମ୍ପାଦକ ମଧୁସୂଦନ ମାଝି ଏବଂ ଅନ୍ୟତମ ଅତିଥି ଭାବେ ଖୋର୍ଦ୍ଧା ମଣ୍ଡଳର କାର୍ଯ୍ୟକାରୀ ସଭାପତି ଜି ଶ୍ରୀରାମ ଲୋ, ସଦାଶିବ ଦାସ, ହେଡ୍‌କ୍ୱାର୍ଟର ବ୍ରାଞ୍ଚ ସମ୍ପାଦକ ପଦ୍ମନାଭ ବେହେରା, ସମ୍ପାଦକ ବି.କେ ବେହେରା, ମଣ୍ଡଳ ସହସମ୍ପାଦକ ରାଜେଶ ପ୍ରମୁଖ ଯୋଗ ଦେଇଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ତାଳପଦା ଟିମ୍ ଚାମ୍ପିୟନ

ବନ୍ତ, ୨୪।୨ (ଡି.ଏନ.ଏ.)

ବନ୍ତ ବ୍ଲକ ନିଳୋକଠାରେ ଚାଲିଥିବା ମା’ ବଉଳାଶୁଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମା’ ବଉଳାଶୁଣୀ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ଆମ୍ବୋ ଓ ତାଳପଦା ଟିମ୍ ମଧରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ତାଳପଦା ଟିମ୍ ଚାମ୍ପିୟନ ହୋଇଛି। ଆମ୍ବୋ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ତାଳପଦା ଟିମ୍ ୮ ଓଭରରେ ୩ ଉଇକେଟ ହରାଇ ୧୨୬ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ମାନସ ଜେନା, ମ୍ୟାନ୍ ଅଫ ଦି ସିରିଜ୍ ଭାବେ ପ୍ରକାଶ ମଲ୍ଲିକ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଜିତେନ୍ଦ୍ର ପଲେଇ, ବେଷ୍ଟ ବୋଲର ଭାବେ ବବୁଲ୍ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଗଜେନ୍ଦ୍ର ଲେଙ୍କା, ରାଜେଶ କୁମାର ଦାସ, ଭାଷ୍ୟକାର ଭାବେ ବିଜୟାନନ୍ଦ ଦାସ, ତାରାକାନ୍ତ ବେହେରା, ସ୍କୋରର ଭାବେ ଆଲୋକ କୁମାର ବାରିକ ଓ ସଚ୍ଚିନ ଦାଶ ଦାୟିତ୍ୱ ତୁଲାଇଥିଲେ।

ଆୟୋଜିତ ପୁରସ୍କାର ବିତରଣ ସଭାରେ ୟୁଥ କ୍ଲବର ବରିଷ୍ଠ ସଭ୍ୟ ବିଜୟାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ସରପଞ୍ଚ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି, ସାମାଜିକ କର୍ମୀ ହରିନାରାୟଣ ମହାନ୍ତି ମୁଖ୍ୟବକ୍ତା ଏବଂ କଳିଙ୍ଗ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ନାୟକ, ଅନନ୍ତ ଚରଣ ଦାସ, ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଂଗ୍ରାମ ଦାଶ, ସୁଶାନ୍ତ କୁମାର ଦାସ, ସତ୍ୟପ୍ରକାଶ ମିଶ୍ର, ରାଜେନ୍ଦ୍ର ଜେନା, ଆଲୋକ ମିଶ୍ର ପ୍ରମୁଖ ସହାୟତା କରିଥିଲେ।

# ସେସ୍‌ପୋଲ ଗାଡ଼ି ପରିଚାଳନା କରିବେ ପୁରୁଷ ସ୍ୱୟଂସହାୟକ ଗୋଷ୍ଠୀ



ପୌରପାଳିକା ପକ୍ଷରୁ ବୁଝାମଣାପତ୍ର ହସ୍ତାନ୍ତର କରାଯାଉଛି।

ଭଦ୍ରକ ଅଫିସ, ୨୪।୨

ଭଦ୍ରକ ପୌରପାଳିକାର ୧୫ ନମ୍ବର ୱାର୍ଡସ୍ଥିତ ଏକ ପୁରୁଷ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ସେସ୍‌ପୋଲ ଗାଡ଼ି (ପାଇଖାନା ଟାଙ୍କି ସଫା କରା ଗାଡ଼ି) ପରିଚାଳନା ପାଇଁ ପୌରପାଳିକା ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ସ୍ୱୀକୃତିକ୍ରମେ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ଜୀଉ ପୁରୁଷ ସ୍ୱୟଂସହାୟକ ଗୋଷ୍ଠୀ ସଭାପତି ରାଜା ନାଏକ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ପ୍ରଦୀପ କୁମାର ସାହୁ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଉକ୍ତ ଗାଡ଼ି ପରିଚାଳନା ଦ୍ୱାରା ସୁଇପର କଲୋନୀରେ ଥିବା ଏହି ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ପୌରାଞ୍ଚଳ ସୀମା ବାହାରେ ସେବା ଯୋଗାଇଦେବେ। ଏହାଦ୍ୱାରା ପୌରପାଳିକାର ପାଣ୍ଠି ସାଙ୍ଗକୁ ଗୋଷ୍ଠୀ ସଦସ୍ୟଙ୍କ ନିଜସ୍ୱ ଆୟ ବୃଦ୍ଧି ହେବ। ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏହି ଗୋଷ୍ଠୀକୁ ବୈଷୟିକ ସହାୟତା ସାଙ୍ଗକୁ ବିଭିନ୍ନ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଛି।

## ଖବରକାଗଜ ବିକ୍ରେତା ସମ୍ବର୍ଦ୍ଧିତ

# ସାରସ୍ୱତ ବନ୍ଧୁମିଳନ ଉତ୍ସବ

ବାସୁଦେବପୁର, ୨୪।୨ (ଡି.ଏନ.ଏ.)



ଉତ୍ସବରେ ଖବରକାଗଜ ବିକ୍ରେତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର ବ୍ରାହ୍ମଣଗାଁ ନିକଟବର୍ତ୍ତୀ ଗୋପିବିନ୍ଧା ଗ୍ରାମରେ ସାମାଜିକ କର୍ମୀ ତଥା ବାସୁଦେବପୁର ନ୍ୟୁଜ ଏଜେନ୍ସିର ପ୍ରତିଷ୍ଠାତା ମନ୍ଦରଧର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ଉଦ୍ୟମରେ ରବିବାର ଦିବସବ୍ୟାପୀ ସାରସ୍ୱତ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଗ୍ରାମଦେବତୀଙ୍କ ପୂଜାର୍ଚ୍ଚନା କରାଯାଇ ବନ୍ଧୁମିଳନ ଉତ୍ସବ ଆରମ୍ଭ ହୋଇଥିଲା। କବିତା ପାଠୋତ୍ସବ ଓ ବନ୍ଧୁମିଳନ ପର୍ବରେ କବି, ସାହିତ୍ୟିକ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ତ୍ରୈଲୋଚନ ଜେନା ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ସାହିତ୍ୟ ଓ ସଂସ୍କୃତି ବ୍ୟକ୍ତି ଏବଂ ସମାଜକୁ ବୁଦ୍ଧିମନ୍ତ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ଚନ୍ଦ୍ର ବେହେରା, କବି ମହେନ୍ଦ୍ର ପ୍ରସାଦ ବାରିକ, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ରାୟ, ନାଟ୍ୟକାର ଡ. ପଦ୍ମଲୋଚନ ମହାକୁଡ, କବି ବନମାଳୀ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବି ଭରତ ଚନ୍ଦ୍ର ଦାସ କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ। ଓଡ଼ିଆ ଭାଷା ସଂସ୍କୃତି ମଞ୍ଚର ସଭାପତି ସୁଦର୍ଶନ ଅଗସ୍ତୀ ସଭାରେ ଅଧକ୍ଷତା କରିଥିଲେ। କବି ବିକାଶ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଖବରଦାତା କିଶୋର କୁମାର ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ବାସୁଦେବପୁର ନ୍ୟୁଜ ଏଜେନ୍ସିରେ କାର୍ଯ୍ୟରତ ଖବରକାଗଜ ବିକ୍ରେତାଙ୍କ ସମେତ ଅନ୍ୟ ଖବରକାଗଜ ବିକ୍ରେତା, ଗଣମାଧମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆୟୋଜକ ବାସୁଦେବପୁର ନ୍ୟୁଜ ଏଜେନ୍ସିର ପୃଷ୍ଠପୋଷକ ମନ୍ଦରଧର ମହାପାତ୍ରଙ୍କ ଲିଖିତ ପୁସ୍ତକ ‘ଚିଠି’ ଉନ୍ମୋଚନ କରାଯାଇଥିଲା। ସେ ତାଙ୍କ ଦୀର୍ଘ ଜୀବନର ଅନୁଭୂତି ଏବଂ ବାସୁଦେବପୁର ଅଞ୍ଚଳର ଖବରକାଗଜ ପାଠିକାପାଠକଙ୍କ ସହିତ ତାଙ୍କର ଅନୁଭବ ବଖାଣିଥିଲେ। ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ସେମାନଙ୍କ କବିତା ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋବିନ୍ଦ ମହାପାତ୍ର ଓ ପାର୍ବତୀ ମହାପାତ୍ରଙ୍କ ସ୍ମୃତିସୌଧ (ସମାଧି) ଉନ୍ମୋଚିତ ହୋଇଥିଲା।

## ସଂକ୍ଷେପରେ

୨ ଭଉଣୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

### ଆଖି ବୁଜିଲେ ବଡ଼ଭଉଣୀ

**ଭଦ୍ରକ ଅଫିସ, ୨୪।୨:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣିଆ ପଞ୍ଚାୟତ କ୍ଷୀରସାହିରେ ପାରିବାରିକ କଳହକୁ କେନ୍ଦ୍ରକରି ୨ ଭଉଣୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସାନଭଉଣୀ ମୃତ୍ୟୁର ୧୪ ଦିନ ପରେ ବଡ଼ଭଉଣୀ ମଧୁସ୍ମିତା ଦାଶଙ୍କର ରବିବାର ମୃତ୍ୟୁ ଘଟିଛି। ଶ୍ରୀପଞ୍ଚମୀରେ ଏହି ଅଘଟଣ ଘଟିଥିଲା। ସାନଭଉଣୀ ରୁପା ଘଟଣା ଦିନ ପ୍ରାଣ ହରାଇଥିବା ବେଳେ ମଧୁସ୍ମିତା ଓରଫ ସୁନା ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

### ୧୦ ବଖରା ଜଳିଗଲା

**ଧାମନଗର, ୨୪।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ପଧାନୀ ପଞ୍ଚାୟତ ରାମରାକୁଳ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୪ ପରିବାରର ୧୦ ବଖରା ଘର ଜଳିଯାଇଛି। ଗ୍ରାମର ଗୌରାଙ୍ଗ ବେହେରାଙ୍କର ୪, ବାସୁଦେବ ବାରିକଙ୍କ ୨, ଭାସ୍କର ବାରିକଙ୍କ ୨ ଓ ବାବାଜୀ ବାରିକଙ୍କର ୨ ବଖରା ପୋଡ଼ିଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି।

### ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ଶୁଭାରମ୍ଭ

**ସଜନାଗଡ଼,୨୪।୨(ଡି.ଏନ.ଏ.):** ରବିବାର 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ନୀଳଗିରି ଥାନା ଡାକବଙ୍ଗଳା ପରିସରରେ ଶତାଧିକ କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ସହିତ ଦେଖିବାର ସୁଯୋଗ ମିଳିଥିଲା। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ଶୁଭାରମ୍ଭ ଗୋରଖପୁରରୁ ଲାଇଭ୍ ଦେଖିବାର ସୁଯୋଗ ପାଇଥିଲେ। ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ବିଷୟକୁ ଉପସ୍ଥିତ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ।

# ଜଳିଗଲା ୨ ବଖରା, ଯୁବତୀ ଗୁରୁତର

**ଉଦଳା, ୨୪।୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧିନ ବାଉଁଶପାଳ ଗ୍ରାମରେ ରାତିରେ ଅଗ୍ନିକାଣ୍ଡ ଘଟି ୨ବଖରା ଜଳିଯିବା ସହ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ବିରେନ୍ଦ୍ର ବେହେରାଙ୍କ ଝିଅ ଧରିତ୍ରୀ (୨୩)। ଖବର ଅନୁସାରେ, ବାଉଁଶପାଳ ଗ୍ରାମର ବିରେନ୍ଦ୍ରଙ୍କ ପରିବାର ଲୋକେ ଶନିବାର ରାତିରେ ଖାଇ ସାରି ଘରେ ଶୋଇଥିଲେ । ରବିବାର ଭୋର ପାଖାପାଖି ୪ଟା ୩୦ରେ ଅଚାନକ ଘରେ ଅଗ୍ନିକାଣ୍ଡ ହୋଇଥିଲା । ଏହି ଅଗ୍ନିକାଣ୍ଡର ମାତ୍ରା ଏତେ ଅଧିକ ଥିଲା



ଅଗ୍ନିକାଣ୍ଡରେ ଜଳି ଯାଇଥିବା ୨ ବଖରା ଘର।

ଯେ ନିଆଁ ଖୁବ୍ ଅଳ୍ପ ସମୟ ଭିତରେ ପୁରା ଘରକୁ ବ୍ୟାପି ଯାଇଥିଲା । ଯାହାଫଳରେ ତାଙ୍କର ଦୁଇ ବଖରା ଘର ସହିତ ଆନୁମାନିକ ୩୦ ହଜାର ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଉଦଳା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଯୁବତୀ ଜଣଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶରୀରର ପାଖାପାଖି ୮୦ ପ୍ରତିଶତ ପୋଡି ଯାଇଥିବା ବେଳେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି । ତେବେ ଅଗ୍ନିକାଣ୍ଡର କାରଣ ଏବେ ବି ଅସ୍ପଷ୍ଟ ରହିଛି । ଘରେ ନିଆଁ କିପରି ଲାଗିଲା ନା କିଏ ନିଆଁ ଲଗାଇ ଦେଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।





# ରାସ୍ତା ନ ହେଲେ ୨୭ରେ ରେଳରୋକୋ

**ରୂପସା, ୨୪।୨(ଡି.ଏନ.ଏ.)**

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପ୍‌ସା-ବାଙ୍ଗିରିପୋଷି ରେଳ ଲାଇନ୍‌ର ଭଗବାନପୁରଠାରେ ଲେଭଲ କ୍ରସିଂ ଫାଟକ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଆମ୍ବଗଡ଼ିଆ ପଞ୍ଚାୟତବାସୀ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀ, ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ସମେତ ଏମ୍‌ପି, ବିଧାୟକ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗତ ଜାନୁୟାରୀ ୯ ତାରିଖରେ ଭଗବାନପୁର ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର, ସମ୍ପାଦକ ସୁଦର୍ଶନ ମହାପାତ୍ର, ଉପଦେଷ୍ଟା ସୁଧାକର ଗିରି, ସଂଯୋଜକ ଚକ୍ରଧର ଆଚାର୍ଯ୍ୟ ପ୍ରମୁଖ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ଅଫିସ୍‌କୁ ଯାଇ ସିନିୟର ଡିଭିଜନାଲ ଇଞ୍ଜିନିୟର (ସାଉଥ)ଙ୍କ ସହ ଆଲୋଚନା କରିଥିଲେ। ଲେଭଲ କ୍ରସିଂ ନିର୍ମାଣ ହୋଇପାରିବ ନାହିଁ ବୋଲି ବିଭାଗୀୟ ଅଧିକାରୀ କର୍ମକର୍ତ୍ତାଙ୍କୁ କହିବା ପରେ ଭଗବାନପୁର-ବାମଡ଼ା ଲେଭଲ କ୍ରସିଂ ରାସ୍ତା ନିର୍ମାଣ ସମ୍ଭବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଏମ୍‌ପି ଓ ବିଧାୟକ ଏହି ରାସ୍ତା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ରେଳ ବିଭାଗକୁ ଚିଠି ଲେଖିଥିଲେ। ମାତ୍ର ଏଯାବତ୍ ଏ ଦିଗରେ କୌଣସି ତତ୍ପରତା ନ ଥିବାରୁ ଚଳିତ ଫେବୃୟାରୀ ୨୭ ତାରିଖରେ ରୂପ୍‌ସା-ବାଙ୍ଗିରିପୋଷି ରେଳଲାଇନ୍‌ର ଭଗବାନପୁରଠାରେ ୧୨ଘଣ୍ଟିଆ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ପରିଷଦର କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରେଳଲାଇନ୍ ପାରିହୋଇ ପଞ୍ଚାୟତ ଅଧୀନ ଭଗବାନପୁର, ଟିକିରାସାହି, ଅଙ୍ଗାରଗଡ଼ିଆ, ଗୁଆବଣିଆ, ଚୋରମରା, ଗୋପାଳସାହି ପ୍ରଭୃତି ଗ୍ରାମର ଲୋକେ ଯା' ଆସ କରିଥାନ୍ତି। ଜରୁରିକାଳୀନ ପରିସ୍ଥିତିରେ ଗାଁ ଭିତରକୁ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଆଦି ପ୍ରବେଶ କରିପାରୁ ନାହିଁ। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭଗବାନପୁର-ବାମଡ଼ା ଲେଭଲ କ୍ରସିଂ ରାସ୍ତା ତୁରନ୍ତ ନିର୍ମାଣ ପାଇଁ ଦାବି ହୋଇଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ଘର ଛପର ଉଡ଼ିଲା

**ସୋର, ୨୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଜଡ଼ିଦା ପଞ୍ଚାୟତ ଆଡ଼ିଆ ଗ୍ରାମରେ ଗ୍ୟାସଟାଙ୍କି ଫାଟି ଘରର ଛପର ଉଡ଼ିଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏହି ଗ୍ରାମର ଭାସ୍କର ନାୟକଙ୍କର ବ୍ୟବହୃତ ଗ୍ୟାସ ସିଲିଣ୍ଡର ପାଖରେ ଅନ୍ୟ ଏକ ନୂଆ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଥିଲା। ଶନିବାର ଅପରାହ୍ନ ସମୟରେ ଘରେ କେହି ନ ଥିବା ବେଳେ ସିଲିଣ୍ଡର ଅଚାନକ ଫାଟିଯାଇଥିଲା। ସୋର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଫ୍ରିଜ୍, ୱାସିଂମେଶିନ୍, ଗ୍ରାଇଣ୍ଡର, ଚାଉଳ ସହ ଆସବାବପତ୍ର ପୋଡ଼ିପାଉଁଶ ହୋଇଯାଇଛି।

# ସ୍ତ୍ରୀଙ୍କୁ ପିଟି ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

**ଚାନ୍ଦବାଲି, ୨୪।୨ (ଡି.ଏନ.ଏ.)**

ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା ଉଦ୍ୟମ ଅଭିଯୋଗରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାଲଗୁଣ୍ଡା ପଞ୍ଚାୟତ ପ୍ରତାପପୁର ଗାଁର ରତିକାନ୍ତ ନାୟକଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ଏ ନେଇ ଚାନ୍ଦବାଲି ଥାନାରେ ଏକ ମାମଲା(ନଂ.୫୩/୧୯) ରୁଜୁ କରାଯାଇଛି। ଅନ୍ୟପକ୍ଷେ ଗୁରୁତର ଆହତ ହୋଇଥିବା ରତିକାନ୍ତଙ୍କ ସ୍ତ୍ରୀ ରଶ୍ମିତା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ୬ ମାସ ତଳେ ନଳଗୋହିରା ପଞ୍ଚାୟତର କରୁଣାକର ଭୋଇଙ୍କ ଝିଅ ରଶ୍ମିତା ରତିକାନ୍ତଙ୍କୁ ପ୍ରେମବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବା ସହ ଅଧିକ ଯୌତୁକ ଦାବିରେ ରତିକାନ୍ତ ରଶ୍ମିତାଙ୍କୁ ଶାରୀରିକ ନିର୍ଯାତନା ଦେଉଥିଲେ। ଶନିବାର ସନ୍ଧ୍ୟାରେ ମଦ ପିଇ ଆସି ରତିକାନ୍ତ ରଶ୍ମିତାଙ୍କୁ ଗାଁ ରାସ୍ତାରେ ଗଡ଼ାଇ ପିଟୁ ଥିବାବେଳେ ପଡ଼ୋଶୀ ଏହାକୁ ବିରୋଧ କରିଥିଲେ। ରତିକାନ୍ତ ସେମାନଙ୍କୁ ମଧ୍ୟ ଆକ୍ରମଣ



ଅଭିଯୁକ୍ତ ରତିକାନ୍ତ ନାୟକ।

କରିଥିଲେ। ମାଡ଼ରେ ରଶ୍ମିତା ମରିଯାଇଥିବା ଭାବି ରତିକାନ୍ତ ତାଙ୍କୁ ଗାଁ ପାଖ ବିଲରେ ଫିଙ୍ଗି ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ରଶ୍ମିତାଙ୍କ ବାପଘର ଲୋକେ ପୋଲିସକୁ ଜଣାଇଥିଲେ। ମତୋ ଫାଣ୍ଡି ପୋଲିସ ପହଞ୍ଚି ରଶ୍ମିତାଙ୍କୁ ଉଦ୍ଧାର କରିବା ସହ ରତିକାନ୍ତକୁ ଚାନ୍ଦବାଲି ଥାନାରେ ଜିମା ଦେଇଥିଲା। ରବିବାର ଅଭିଯୁକ୍ତ ରତିକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

# କିଷାନ ସମ୍ମାନ ନିଧି ଯୋଜନାର ଭିଡିଓ କନଫରେନ୍ସି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପାଟଣା, ୨୪।୨(ସ୍ୱ.ପ୍ର.)**

ପାଟଣା ବ୍ଲକ ତୁରୁମୁଙ୍ଗା ପେଟ୍ରୋଲ ପମ୍ପ ନିକଟ ପଡ଼ିଆରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କି ବାତ' ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ଭଡିଓ କନ୍‌ଫରେନ୍ସିଂ ମାଧମରେ ଶୁଭାରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମ ଭାବଗ୍ରାହୀ ମହାନ୍ତଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଏମ୍‌ପି ଅନନ୍ତ ନାଏକ, ମୁଖ୍ୟ ବକ୍ତା ଭାବେ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ପୂର୍ବତନପାଟଣା ବିଧାୟକ ଗୌରହରି ନାଏକ, ଭବାନୀ ନାଏକ, ସାମାଜିକ କର୍ମୀ ଅଖିଳ ନାଏକ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ମମିତା ନାଏକ, ଜିଲା ପରିଷଦ ସଭ୍ୟ ଡଲି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୩ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇ ଉତ୍ତରପ୍ରଦେଶର ଗୋରଖପୁର ଠାରୁ ଭିଡ଼ିଓ କନଫରେନ୍ସିଂ ମାଧମରେ ସିଧାପ୍ରାସରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମକୁ ଦେଖି ବେଶ ଉତ୍ସାହିତ ହୋଇଥିଲେ।

■ ପରୀକ୍ଷାର୍ଥୀଙ୍କ ଖାତାରେ ହ୍ୱାଇଟନର ମାରିବା ଘଟଣା

# ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ

**କେନ୍ଦୁଝର, ୨୪।୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଉଖୁଣ୍ଡା ଉଚ୍ଚବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଭୁଲ ପ୍ରଶ୍ନପତ୍ର ଦେବା ଏବଂ ପିଲାଙ୍କ ଖାତାରେ ହ୍ୱାଇଟନର ମାରିବା ଅଭିଯୋଗରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜିଲା ଶିକ୍ଷା ଅଧିକାରୀ ନିଲମ୍ବନ ଆଦେଶ ଦେଇଛନ୍ତି। ତାଙ୍କ ନାମ ଗୋପାଳ ଚନ୍ଦ୍ର ପ୍ରଧାନ ବୋଲି ଜଣାପଡ଼ିଛି। ଡି. ଏନ୍. ହାଇସ୍କୁଲର ଶିକ୍ଷକ ଡମ୍ବରୁଧର

**୨ ପରୀକ୍ଷକ ବଦଳିଲେ**

ମହାନ୍ତଙ୍କୁ ନୂତନ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ଯେଉଁ ଦୁଇଟି କକ୍ଷରେ ଏହି ବିଭ୍ରାଟ ଦେଖାଦେଇଥିଲା ତାହାର ପରୀକ୍ଷକ ଦ୍ୱୟଙ୍କୁ ଦାୟିତ୍ୱରୁ ଅବ୍ୟାହତ ଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ଯଥାକ୍ରମେ ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟ କମିଟିକୁ ଆଦେଶ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ହ୍ୱାଇଟନର ଲଗାଯାଇଥିବା ପିଲାଙ୍କ ଖାତା ମାନୁଆଲ ଦେଖିବାକୁ ବୋର୍ଡକୁ ଲେଖାଯାଇଛି। ପ୍ରକାଶ ଯେ, ପ୍ରଥମ ଦିନ ପରୀକ୍ଷାରେ ପ୍ରଥମେ ଭୁଲ ପ୍ରଶ୍ନପତ୍ର ଦିଆଯାଇଥିଲା। ପିଲାମାନେ ଖାତାରେ ଉତ୍ତର ଲେଖିବା ପରେ ପୁଣି ପ୍ରଶ୍ନପତ୍ର ବଦଳାଇବା ଫଳରେ ଖାତାରେ ହ୍ୱାଇଟନର ଦେଇ ଲିଭାଇ ପୁଣି ଲେଖିବାକୁ ଦିଆଯାଇଥିଲା।

# ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ଢେଙ୍କିକୋଟ, ୨୪।୨(ଡି.ଏନ୍.ଏ.)**

ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ୧୯୮୩ ବ୍ୟାଚ ବୋର୍ଡ଼ ପରୀକ୍ଷାର୍ଥୀଙ୍କ ବନ୍ଧୁମିଳନ ରବିବାର କେନ୍ଦୁଝର ଜିଲା ପର୍ଯ୍ୟଟନସ୍ଥଳୀ ଗୁଣ୍ଡିଚାଘାଗିଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୬ ବର୍ଷ ପରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହାର ଆୟୋଜକ ରାମଚନ୍ଦ୍ର ସାହୁ ଓ ବଳଭଦ୍ର ମହାକୁଡ଼ ନେଇଥିବାବେଳେ ପ୍ରଫୁଲ୍ଲ ସିଂହ, ସନ୍ତୋଷ କୁମାର ସାହୁ, ପଦ୍ମଲୋଚନ ମହାନ୍ତ ସହଯୋଗ କରିଛନ୍ତି। ବିଦ୍ୟାପୀଠର ତତ୍କାଳୀନ ଶିକ୍ଷକ କୁଳମଣି ମଣ୍ଡଳ, ଜୟଦେବ ପଣ୍ଡା, ବାଳକୃଷ୍ଣ ସାହୁ, ଉଗ୍ରସେନ ବାରିକ, ଯଦୁମଣି ଦାସ, ଗଗନ ବିହାରୀ ମିଶ୍ର, ତ୍ରୈଲୋଚନ ମହାନ୍ତ ସମେତ ଶିକ୍ଷା କର୍ମଚାରୀ ସୁବୁଦ୍ଧି ନାୟକ ଏବଂ ପ୍ରଭାକର ପ୍ରଧାନଙ୍କୁ ବନ୍ଧୁମିଳନକୁ ନିମନ୍ତ୍ରଣ କରାଯାଇଥିଲା। ପରେ ଦେଖାସାକ୍ଷାତ ଏବଂ ଏକତ୍ରିତ କରିପାରିଥିବା ସାଥୀ ରାମଚନ୍ଦ୍ର ସାହୁ ଓ ବଳଭଦ୍ର ମହାକୁଡ଼ଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**4 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ ₹1,000.00 କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଛନ୍ତି ।

ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ମାଧ୍ୟମରେ **ଫେବ୍ରୁୟାରୀ 26, 2019 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ । ଏ ସମ୍ପର୍କୀୟ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟ - **(www.rbi.org.in)** ରେ ଫେବ୍ରୁୟାରୀ **22, 2019 (ଶୁକ୍ରବାର)** ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଇ-ମେଲ/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"

# ସରକାରୀ ଜମିରୁ ଗଛ କାଟିବାକୁ ନେଇ ବିବାଦ

**ପାଟଣା, ୨୪।୨(ସ.ପ୍ର.)**

ପାଟଣା ବ୍ଲକ ତୁରୁଡିଆ ପଞ୍ଚାୟତ ନୂଆଗାଁ ହାଟ ପଡ଼ିଆରୁ ୩ଟି ମୂଲ୍ୟବାନ ଶାଳ ଗଛ ଓ ଗୋଟିଏ କୁସୁମ ଗଛ କାଟିବାକୁ ନେଇ ରବିବାର ବିବାଦ ଦେଖାଦେଇଛି। ସୂଚନା ଅନୁଯାୟୀ ଉକ୍ତ ପ୍ଲଟ ନିକଟ ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ରାସ୍ତା କାର୍ଯ୍ୟ ପାଇଁ ଦୁଇଟି ଗଛ କାଟିବାକୁ ଥିବାବେଳେ ଏହି ଗ୍ରାମର ଦୁଇ ଜଣ ବ୍ୟକ୍ତି ଆଉଦୁଇଟି ଗଛ କାଟି ଡାଳ ନେଇଯିବାରୁ ରବିବାର ପୂର୍ବାହ୍ନରେ ନୂଆଗାଁ ହାଟ ପଡ଼ିଆରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ପାଟଣା ରେଞ୍ଜର ପବିତ୍ର ମୋହନ ନାଏକ, ବନପାଳ ଶଶୀଭୂଷଣ ବାରିକ, ମୋବାଇଲ ସ୍କ୍ୱାଡ ଓ ଘଟଗାଁ ପୋଲିସ ପହଞ୍ଚିଥିଲେ। ଶତାଧିକ ଉତ୍ୟକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ପ୍ରଶାସନିକ ଅଧିକାରୀ ସହ ଯୁକ୍ତିତର୍କ କରିଥିଲେ। ଏନେଇ ରେଞ୍ଜର ପବିତ୍ର ମୋହନ ନାୟକଙ୍କୁ ପଚାରିବାରୁ ଗଛ କଟା ଯାଇଥିବା ଜମିଟି ବନବିଭାଗର ହୋଇ ନ ଥିବା ବେଳେ କେହି ଆମ ନିକଟରେ ଲିଖିତ ଅଭିଯୋଗ କରିନାହାନ୍ତି। ଆମେ କଟା ଗଛ ଗଣ୍ଡି ଜବତ କରିବାକୁ ଚାହିଁବାରୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ତେବେ ଘଟଣା ପ୍ରତି ଦୃଷ୍ଟି ରହିଛି। ସୂଚନା ଅନୁଯାୟୀ ଏହି ଜମିଟି ସ୍ଥାନୀୟ ପଞ୍ଚାୟତର ବଗାୟତ ଜମିରେ ରହିଛି।

# ଶଇଲଙ୍ଗରେ କଂଗ୍ରେସର ବନ୍ଧୁମିଳନ



କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହିତ ଅତିଥିମାନେ।

**କୋଲିମାଟି, ୨୪।୨(ଡି.ଏନ.ଏ)**

ଘସିପୁରା ବ୍ଲକ୍ ଅନ୍ତର୍ଗତ ଶଇଲଙ୍ଗ ଛକ ନିକଟ ଗୋହିରା ନାଳ ପଡିଆରେ ରବିବାର କଂଗ୍ରେସ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘସିପୁରା ନିର୍ବାଚନ ମଣ୍ଡଳୀର ସମସ୍ତ ଗ୍ରାମ ପଞ୍ଚାୟତର ପୁରୁଖା ନେତା ଓ କର୍ମୀମାନେ ଯୋଗଦେଇଥିଲେ । ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ନିଜ ଦଳକୁ ଜିତେଇବା ପାଇଁ କଠୋର ପରିଶ୍ରମ କରିବା ଲାଗି କର୍ମୀମାନେ ଶପଥ କରିଥିଲେ। ଏହି ବନ୍ଧୁ ମିଳନରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ମହିଳା କଂଗ୍ରେସର ଉପସଭାପତି ବନିତା ମାଝୀ, ଜିଲା କାର୍ଯ୍ୟକାରୀ ସଭାପତି ରତିକାନ୍ତ ବରାଳ, ଉପସଭାପତି ସୁବ୍ରତ କୁମାର ଚକ୍ର, ପୂର୍ବତନ ବ୍ଲକ ଅଧକ୍ଷ ଚତୁର୍ଭୁଜ ନାୟକ, ଜିଲା ଯୁବ କଂଗ୍ରେସ ସଭାପତି ପାର୍ଥୀ ସାରଥୀ ପହି, ବରିଷ୍ଠ ନେତା ରୁନା ଚକ୍ର ପ୍ରମୁଖ ଯୋଗ ଦେଇଥିଲେ।

# କଂଗ୍ରେସର ମିଶ୍ରଣ ପର୍ବ

**ହାଟଡିହୀ, ୨୪।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଇଞ୍ଚୋଳ ପଞ୍ଚାୟତରେ କଂଗ୍ରେସ ତରଫରୁ ଜନଜାଗରଣ ସମାରୋହ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦୟନାଥ ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଜୟଦେବ ଯେନା, ନିକୁଞ୍ଜ ମିଶ୍ର, ଧନୁର୍ଦ୍ଧର ଆୟଚ, ବିଜୟ ମହାପାତ୍ର, ବିନୋଦ ରାଉତ, କୃଷ୍ଣଚନ୍ଦ୍ର ସୁଆର, ଶ୍ରୀକାନ୍ତ ରାଉତ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ମହିଳାପୁରୁଷ ଉପସ୍ଥିତ ଥିଲେ। ଏହି ପଞ୍ଚାୟତ ଅଧିନ କୁଶପଦା, ଅଫିସର୍, ପରମାନନ୍ଦପୁର, ସାନଘର, ଓସ୍ତପାଳ ପ୍ରଭୃତି ବିଭିନ୍ନ ଗ୍ରାମରୁ ଶତାଧିକ ବ୍ୟକ୍ତି ନିଜ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଆସନ୍ତା ନିର୍ବାଚନରେ ଏକଜୁଟ ହୋଇ ଲଢିବା ପାଇଁ ଉପସ୍ଥିତ କର୍ମୀମାନେ କହିଥିଲେ।







## ସଂକ୍ଷେପରେ

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଝୁମ୍ପୁରା ୨୪।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ତେଲି ଅର୍ଶଳା ଗ୍ରାମ ନିକଟସ୍ଥ ନାଳ ଭିତରୁ ରବିବାର ମଧ୍ୟାହ୍ନ ସମୟରେ ପାଣିରେ ଭାସୁଥିବା ଜଣେ ବ୍ୟକ୍ତିଙ୍କ ମୃତ ଦେହ ଝୁମ୍ପୁରା ଥାନା ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ ମୃତ ବ୍ୟକ୍ତିଙ୍କ ବୟସ ୪୦ ରୁ ୪୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ତେବେ ତାଙ୍କର ପରିଚୟ ଜଣା ପଡି ନ ଥିବା ବେଳେ ନିଖୋଜ ହେବା ନେଇ ମଧ ଝୁମ୍ପୁରା ଥାନାରେ କୌଣସି ରିପୋର୍ଟ ନାହିଁ ବୋଲି ଥାନା ଅଧିକାରୀ ଏଫ ଟିଗା କହିଛନ୍ତି। ମୁହଁ ତଳକୁ ଥିବା ଏକ ମୃତଦେହ ନାଳ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ ଝୁମ୍ପୁରା ପୋଲିସକୁ ଖବର ଦେଇଥିଲେ। ଝୁମ୍ପୁରା ପୋଲିସ ମୃତଦେହ ଜବତ କରିବା ପରେ ତାଙ୍କର ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରଖିଛି।

### ବିଜେଡି କର୍ମୀ ସମ୍ମିଳନୀ



ଚମ୍ପୁଆ,୨୪।୨(ଡି.ଏନ.ଏ.)- ଚମ୍ପୁଆ ବ୍ଲକ କଦଗାଡିଆ ପଞ୍ଚାୟତ ଟିମିଳା ଖେଳ ପଡ଼ିଆଠାରେ ୪ ଗୋଟି ପଞ୍ଚାୟତକୁ ନେଇ ବିଜେଡି କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନ ପାଇଁ ଦଳୀୟ କର୍ମୀଙ୍କୁ ଏକାଠି କରିବା ଓ ନିର୍ବାଚନ ବୈତରଣୀ ପାରହେବା ପାଇଁ ରଣନୀତି ପ୍ରସ୍ତୁତ କରିବା ଏହି କର୍ମୀ ସମ୍ମିଳନୀର ଲକ୍ଷ୍ୟ ବୋଲି ଜଣାପଡିଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ସାଙ୍ଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚମ୍ପୁଆ ଅଞ୍ଚଳରେ ଟାଣୁଆନେତା କୁଶ ଆପଟଙ୍କୁ ଦାୟିତ୍ୱ ଦେବାପରେ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ରବିବାର ଟିମିଳାଠାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ କୁଟାରିପୋଶି, କଦଗାଡିଆ, ଜାମୁଦଳକ ଓ ସୁନାପୋଶିର ୪ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, ଜିଲା ଯୁବ ସଭାପତି ରାଜା ଚକ୍ର, ଜିଲା ସଭାପତି ବିମ୍ବାଧର ବିଶ୍ୱାଳ, ସୁରେନ୍ଦ୍ର ଜେନା, ଜଗା ସିଂ ପ୍ରମୁଖ ଯୋଗଦେଇ ବିଜୁ ଜନତା ଦଳର ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ।

### ଶହୀଦଙ୍କୁ ୧୦୮ ଦୀପ ଦାନ ଯଜ୍ଞ

କେନ୍ଦୁଝର, ୨୪।୨(ସ୍ୱ.ପ୍ର.)- ପୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫର ବୀର ଯବାନଙ୍କ ଏକାଦଶାହ ଉପଲକ୍ଷେ ରବିବାର ସ୍ଥାନୀର ସରାସ ଦକ୍ଷିଣକାଳୀ ମନ୍ଦିରରେ ଗୀତା ମହାଯଜ୍ଞ ଓ ୧୦୮ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମା କାଳୀ ସେବା ଟ୍ରଷ୍ଟର ମୁଖ୍ୟ ସଞ୍ଜୟ କୁମାର ତ୍ରିପାଠୀ, ସୁଶାନ୍ତ କୁମାର ଆଚାର୍ଯ୍ୟ, ଗିରିଷ ଚନ୍ଦ୍ର ପଣ୍ଡା, ଅମିତ କୁମାର ମିଶ୍ର, ବ୍ରଜ କିଶୋର ମିଶ୍ର, ପରମାନନ୍ଦ ପଣ୍ଡା, ନରେଶ ମିଶ୍ର, ସୁଧୀର ରଞ୍ଜନ ଗିରି ପ୍ରମୁଖ ଶହୀଦଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଗୀତା ପାଠ କରିବା ସହ ଯଜ୍ଞ ଆୟୋଜନ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନା କରିବା ସହ ପ୍ରସାଦ ସେବନ କରିଥିଲେ।



■ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା

# 'ପ୍ଲାଷ୍ଟିକ ବର୍ଜନ କଲେ ସୁସ୍ଥ ପରିବେଶ ଗଠନ ସମ୍ଭବ'

ହାଟଡିହୀ, ୨୪।୨(ଡି.ଏନ୍.ଏ.)




ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାସଙ୍ଗ ପଞ୍ଚାୟତ ହାଇସ୍କୁଲ ପରିସରରେ ଧରିତ୍ରୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ପ୍ଲାଷ୍ଟିକ ମୁକ୍ତ ଓଡିଶା ଓ ସୁସ୍ଥ ପରିବେଶ' ଶୀର୍ଷକ ଉପରେ ପ୍ରତିଯୋଗୀମାନେ ଚିତ୍ର ଆଙ୍କି ସଚେତନତାର ବାର୍ତ୍ତା ଦେଇଥିଲେ। ହାଟଡିହୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୬୫ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ଓଝା, ଶାସଙ୍ଗ ପଞ୍ଚାୟତ ହାଇସ୍କୁଲ ଶିକ୍ଷକ ନବକିଶୋର ବିଶ୍ୱାଳ, ବାଲିବରେଇ ହାଇସ୍କୁଲ ଶିକ୍ଷକ ଭଗବାନ ବେହେରା, ବାଇଧର ନୋଡାଲ ୟୁପି ସ୍କୁଲ ଶିକ୍ଷକ ଲଳିତ କୁମାର ବିଶ୍ୱାଳ ଉପସ୍ଥିତ ରହି ୪ ଜଣ ପ୍ରତିଯୋଗୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ବିବେଚନା କରିଥିଲେ। ପ୍ରଥମ ସ୍ଥାନରେ ବାଲିବରେଇ ସରକାରୀ ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ସହଦେବ ସିଂ ରହିଥିବା ବେଳେ ଆମ୍ବୋ ଗୋପୀନାଥଜୀଉ ନୋଡାଲ ୟୁପି ସ୍କୁଲର ଛାତ୍ର ଦୀପକ କୁମାର ଜେନା ଦ୍ୱିତୀୟ, ବାଲିବରେଇ ହାଇସ୍କୁଲ ୬ଷ୍ଠ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ରାଉତ ଏବଂ ୭ମ ଶ୍ରେଣୀ ଛାତ୍ରୀ ସ୍ୱୟଂଶ୍ରୀ ଚକ୍ର ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ପ୍ରମାଣପତ୍ର ଓ ଡ୍ରଇଂ କିଟ୍ ଦିଆଯାଇ ପୁରସ୍କୃତ କରାଯାଇଥିଲା। ହାଟଡିହୀ ଧରିତ୍ରୀ ପ୍ରତିନିଧି ଶୁଭକାନ୍ତ ନାୟକ, ନିତ୍ୟାନନ୍ଦ ପହି, ବିଜୟ ଜେନା, ଆନନ୍ଦପୁର ପ୍ରତିନିଧି ସନ୍ତୋଷ କୁମାର ରାଉତ, ବାଲେଶ୍ୱର ସଂସ୍କରଣର ପ୍ରସାରଣ ଦାୟିତ୍ୱରେ ଥିବା ଆଲୋକ କୁମାର କାନୁନ୍‌ଗୋଙ୍କ ମିଳିତ ସଂଯୋଜନାରେ ଏହି ପ୍ରତିଯୋଗିତା ହୋଇଥିଲା। ଶାସଙ୍ଗ ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ହାଟଡିହୀ ଭାରପ୍ରାପ୍ତ ବିଇଓ ତପୋଧନ ସ୍ୱାଇଁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଏବିଇଓ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥି ଭାବେ ଷଡଙ୍ଗ କଲେଜ ଅଧ୍ୟକ୍ଷ ସୁବ୍ରତ କୁମାର ନାୟକ, ଚଣ୍ଡି ବିରଞ୍ଚିପୁର ସେଣ୍ଟ ଜାଭିୟର୍ସ ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀଧର ମହାରଣା, ସହକାରୀ ଅଧ୍ୟକ୍ଷ ଗୋଲଖ ବିହାରୀ ସାହୁ, ସାମାଜିକ କର୍ମୀ ସତୀଶ ଯାଦବ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକର ଅପକାରିତା ଏବଂ ଏହାର ବ୍ୟବହାରକୁ କିପରି ବର୍ଜନ କରାଯାଇ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ଖବରଦାତା ଅମୀୟ ରଞ୍ଜନ ବରାଳ, ପ୍ରତିରଞ୍ଜନ ବେହେରା, ଅନନ୍ତ ଚରଣ ପହି, ସରୋଜକାନ୍ତ ପରିଡା, ସୁବୋଧ ଦାସ , ଶାସଙ୍ଗ ପଞ୍ଚାୟତ ହାଇସ୍କୁଲ ଶିକ୍ଷକ ଶିଶିର କୁମାର ବିଶ୍ୱାଳ, ରାଧାକୃଷ୍ଣ ପତି, ଶାନ୍ତନୁ କୁମାର ରାଉତ, ପର୍ଶୁରାମ ନାୟକ, ମାଧବାନନ୍ଦ ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ପଦ୍ମନାଭ ପଣ୍ଡା, ସତ୍ୟବ୍ରତ ବିଶ୍ୱାଳ, ରମେଶ ଚନ୍ଦ୍ର ନାୟକ ଓ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

■ ଆଇରନ ପିଲେଟ ଯୋଗୁ ଘଟୁଛି ଦୁର୍ଘଟଣା

## ଫାଣ୍ଡିରେ ଅଭିଯୋଗ କଲେ ଜମିପଟ୍ଟା ଧାରୀ

ଯୋଡା, ୨୪।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦା-ଝାଡଖଣ୍ଡ ଯାଇଥିବା ମୁଖ୍ୟ ରାସ୍ତାର ଦେଓଝର ଠାରେ ରାସ୍ତା ଉପରେ ଆଇରନ ପିଲେଟ ଗଦା ଗଦା ହୋଇ ପଡିଥିବାରୁ ଏହି ରାସ୍ତା ଦେଇ ଯାଉଥିବା ବାଇକ ଆରୋହୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ବାଇକ ଆରୋହୀ ମାନେ ପଡି ଆହତ ହୋଇଥିବା ଦେଖିବାକୁ ମିଳିଛି । ଏ ନେଇ ଗ୍ରାମବାସୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଜମିପଟ୍ଟାଧାରୀ ବିଲେଇପଦା ଫାଣ୍ଡିରେ ଅଭିଯୋଗ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ, ସ୍ଥାନୀୟ ଏକ କାରଖାନାରୁ ଝାଡଖଣ୍ଡ ରାଜ୍ୟକୁ ହାଇୱା ଟ୍ରକ ଯୋଗେ ରାତ୍ରି ସମୟରେ ଆଇରନ ପିଲେଟ ପରିବହନ କରାଯାଇଛି । ପିଲେଟ ରାସ୍ତା ଉପରେ ପଡୁଥିବାରୁ ଏହି ରାସ୍ତା ଉପରେ ଯାଉଥିବା ସ୍ଥାନୀୟ ଗ୍ରାମବାସୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଆଇରନ ପିଲେଟ ପଡିଥିବା ରାସ୍ତାଟି ଦେଓଝର ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ବୋଲି ଜମିପଟ୍ଟା ରହିଥିବା ସେ ଦାବି କରୁଥିବା ବେଳେ ଏହି ଜମି ପାଇଁ କୋର୍ଟରେ ବିଚାରଧୀନ ରହିଛି। ତେବେ ତାଙ୍କ ଜମି ଉପରେ କୌଣସି କମ୍ପାନୀର ଜିନିଷ ପରିବହନ କରିପାରିବେ ନାହିଁ ବୋଲି ସେ ବିଲେଇପଦା ଫାଣ୍ଡିରେ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ହାଟଡିହୀ, ୨୪।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଞ୍ଚୋ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ଦୟାନିଧି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଅନନ୍ତ ନାଇକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ହାଟଡିହୀ ବ୍ଲକ ଏବିଇଓ ସୁରେଶ କୁମାର ଜେନା, ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ଶିକ୍ଷାବିତ୍ ଗୟାଧର ବେହେରା, ଆନନ୍ଦପୁରର ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସଂଯୋଜନାରେ ପ୍ରାରମ୍ଭରୁ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜ୍ଞାନରଞ୍ଜନ ସାମନ୍ତ ସିଂହାର, ମଦନ ମୋହନ ପାଢୀ, କୃଷ୍ଣ ଚନ୍ଦ୍ର ରାଉତ, ଚିନ୍ତାମଣି ରାଉତ, ସୁଶାନ୍ତ ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ, ଅଭିଭାବକ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ।

■ ମହାବୀର ଭଲିବଲ ଟୁର୍ନାମେଣ୍ଟ

## ବିଦ୍ୟାଧରପୁର ଚାମ୍ପିୟନ

ହାଟଡିହୀ, ୨୪।୨

ହାଟଡିହୀ ଯୁବପରିଷଦ ଆନୁକୁଲ୍ୟରେ ଆୟୋଜିତ ମହାବୀର ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟରେ ବିଦ୍ୟାଧରପୁର ଟିମ ଚାମ୍ପିୟନ ହୋଇଥିବା ବେଳେ ବାଗୁରାଇ ଟିମ ଭଦ୍ରକ ରନର୍ସଅପ ହୋଇଛି। ଏହି ଟୁର୍ନାମେଣ୍ଟକୁ ହାଟଡିହୀ ସରପଞ୍ଚ ଅନୁସୟା ସେଠୀ ଉଦ୍‌ଘାଟନ କରିଥିଲେ । ନକ ଆଉଟ ପଦ୍ଧତିରେ ୮ ଗୋଟି ଟିମ ଭାଗ ନେଇଥିଲେ। ସମସ୍ତ ଖେଳ ବେଶ ଚିତ୍ତାକର୍ଷକ ହୋଇଥିଲା। ଭଲ ଖେଳୁଥିବା ଖେଳାଳିଙ୍କୁ ଦର୍ଶକ ମାନେ ପୁରସ୍କାର ଦେଇ ଉତ୍ସାହିତ କରୁଥିଲେ । ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ନିତ୍ୟାନନ୍ଦ ପହୀ, ଆଲୋକ ସେଠୀ, କାମପାଳ ନାୟକ ,କଳ୍ପତରୁ ସେଠୀ, ଚିନ୍ମୟ ନାୟକ, ବିଶ୍ୱନାଥ ଖୁଣ୍ଟିଆ, ଛତିଶ ଯାଦବ, ନୃସିଂହ ସେଠୀ, ଶାସଙ୍ଗ ସରପଞ୍ଚ ବିମ୍ବାଧର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳର ଉପକାରିତା ସମ୍ପର୍କରେ କହିଥିଲେ। ଫାଇନାଲରେ ଭଦ୍ରକର ବାଗୁରାଇ ଟିମକୁ ୨/୦ରେ ହରାଇ ବିଦ୍ୟାଧରପୁର ଚାମ୍ପିୟନ ହୋଇଛି। ଚାମ୍ପିୟନ ଟିମକୁ ନଗଦ ୭୦୦୦ଟଙ୍କା ସହିତ ଟ୍ରଫି ଓ ରନର୍ସଅପକୁ ୩୦୦୦ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।ବାଦଲ ଜେନା ଖେଳ ପରିଚାଳନା କରିଥିବାବେଳେ ପଦୁ ସେଠୀ ଲାଇନ ମ୍ୟାନ ଥିଲେ। ଜଗନ୍ନାଥ ପୃଷ୍ଟି, ଆଲୋକ ପରିଡା, ବିକାଶ ସେଠୀ, ଚନ୍ଦ୍ରଧ୍ୱଜ ସାହୁ, ପିତାମ୍ବର ସେଠୀ, ରମି ବେହେରା ପ୍ରମୁଖ ଯୁବପରିଷଦର ସଭ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଦର୍ଶକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳ ଉପଭୋଗ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଟ୍ରିକ ପରୀକ୍ଷାର୍ଥୀଙ୍କ ଲାଗି ମାଗଣା ଅଟୋସେବା



ପରୀକ୍ଷାର୍ଥୀଙ୍କୁ ମାଗଣା ଅଟୋସେବା।

ଚମ୍ପୁଆ, ୨୪।୨(ଡି.ଏନ.ଏ.)

ଚମ୍ପୁଆ ଏନଏସିର ବିଜୁ ଯୁବ ବାହିନୀ କ୍ଲବ ୧ ସମ୍ପାଦକ ଛତ୍ରପତି ନାଏକ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ମାଗଣା ଅଟୋସେବା ଯୋଗାଇ ଦେଇଛନ୍ତି। ସୂଚନା ଅନୁସାରେ ଚମ୍ପୁଆ ଏନ.ଏ.ସି.ର ଆଦିବାସୀ ବହୁଳ ୱାର୍ଡ ଭାବେ ପରିଚିତ ଗୋଧୁଳି ଗ୍ରାମର ମାଟ୍ରିକ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ପାଇଁ ଦୀର୍ଘ ୫ କି.ମି. ଦୂର ଚମ୍ପୁଆକୁ ଆସିବାକୁ ପଡୁଥିଲା। ଏହି ପରୀକ୍ଷା ଛାତ୍ରୀଛାତ୍ରଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଥିବାରୁ ପରୀକ୍ଷାର୍ଥୀମାନେ ଯେପରି ଯାତାୟାତର କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ସେ ନିଜ ପକେଟରୁ ଅର୍ଥ ବ୍ୟୟକରି ଏକ ଅଟୋ ମାଧ୍ୟମରେ ପରୀକ୍ଷାର ଶେଷ ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଗରିବ ଛାତ୍ରୀଛାତ୍ରମାନେ ଖୁବ୍ ଉପକୃତ ହେବାକୁ ଥିବାବେଳେ ଅଭିଭାବକ ମହଲରେ ଏହାକୁ ଖୁବ୍ ପ୍ରଶଂସା କରାଯାଇଛି।

## ଗଡବାନ୍ଧଗୋଡାରେ ୱାର୍ଡ କମିଟି ବୈଠକ

ଆନନ୍ଦପୁର, ୨୪।୨(ସ୍ୱ.ପ୍ର.)

ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତରେ ବିଜେଡି ପକ୍ଷରୁ ଓାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ସଭାପତି ବଳରାମ ସାହୁ, ସରପଞ୍ଚ ଦେବସ୍ମୀତା ବିଶ୍ୱାଳ, ସମିତି ସଭ୍ୟା ମମତା ମଞ୍ଜରୀ ରାଉତ ପ୍ରମୁଖ ଉପସ୍ଥିତ ରହି ଓାର୍ଡ କମିଟିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହେବା ସହିତ ଏହା କିପରି ଲୋକଙ୍କ ଉପକାରରେ ଲାଗିବ ସେନେଇ ମନ୍ତ୍ରୀ ପାତ୍ର ଗୁରୁତ୍ୱାରୋପ କରିଥିଲେ। ସୁବାଷ ଜେନା, ଜଗନ୍ନାଥ ଭଞ୍ଜ, ପ୍ରତାପ ଦେଓ, ରାମଚନ୍ଦ୍ର ଚକ୍ର, ମଦନମୋହନ ରାଉତ, ଚିନ୍ତାମଣି ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ

ଆନନ୍ଦପୁର, ୨୪।୨(ସ୍ୱ.ପ୍ର.)

ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଦିନିକିଆ ଆନନ୍ଦପୁର ଗସ୍ତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଆନନ୍ଦପୁର ପୌରପରିଷଦ ଦ୍ୱାରା ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଶିଶୁ ପାର୍କର ଉଦଘାଟନ କରିଥିବାବେଳେ, ଆନନ୍ଦପୁର ପୌରପରିଷଦ ୧୬ ଗୋଟି ୱାର୍ଡର ହିତାଧିକାରୀମାନଙ୍କୁ ନିଜର ଜମିପଟ୍ଟାରେ ଗୃହ ନିର୍ମାଣ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସହରାଞ୍ଚଳର ସମସ୍ତଙ୍କ ପାଇଁ ଗୃହନୀତି ଯୋଜନାରେ ପ୍ରତ୍ୟେକ ୱାର୍ଡରୁ ୧୦ ଜଣ ଲେଖାଏଁ ୧୬୦ ଜଣଙ୍କୁ କାର୍ଯ୍ୟାଦେଶ ଏବଂ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଛନ୍ତି। ସେହିପରି ଆନନ୍ଦପୁର ବଡଦାଣ୍ଡ ଠାରେ ଦୀର୍ଘ ଦିନର ଦାବି ରହିଥିବା ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଭେଣ୍ଡିଂ ଜୋନ୍ ଶିଳାନ୍ୟାସ କରାଯାଇଛି। ଏହା ସହିତ ପୌରପରିଷଦ ୭ ଗୋଟି କ୍ଲଷ୍ଟର ବିଜୁ ଯୁବ ବାହିନୀକୁ ଖେଳ ଉପକରଣ ଆଦି ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ଆନନ୍ଦପୁର ପୌରନିର୍ବାହୀ ଅଧିକାରୀ ଶିତାଂଶୁ ଶେଖର ସାମଲ, ଜିଲା ବିଜେଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂହ, ଆନନ୍ଦପୁର ନଗରମଣ୍ଡଳ ବିଜେଡି ସଭାପତି ରମାକାନ୍ତ ନାୟକ, ପୂର୍ବତନ କାଉନସିଲର ମମତା ଜେନା, ବିଜୁ ଯୁବବାହିନୀ ପୌରପରିଷଦ ସଂଯୋଜକ ଆଇନଜୀବୀ ଭାଗିରଥି ଦାଶ, ପୂର୍ବତନ କାଉନସିଲର ସଞ୍ଜୟ କୁମାର ଦଳେଇ, ଯୁବ ନେତା ସୁରେନ୍ଦ୍ର ମଲିକ, ବିଶ୍ୱଭୂଷଣ ଯେନା, ବିମଳ ଯେନା, ନିରଞ୍ଜନ ସାହୁ, ରାଜା ସତ୍ୟପ୍ରକାଶ ଦଳେଇ, ପ୍ରଦୀପ ପାତ୍ର, ଦେବାଶିଷ ରାମ, ସନ୍ତୋଷ ପଟ୍ଟନାୟକ, ସତ୍ୟପ୍ରିୟ ଦେବପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀଙ୍କ ଦ୍ୱାରା ଖେଳ ଉପକରଣ ବଣ୍ଟନ କରାଯାଉଛି।

## ଶିଶୁ ସୁରକ୍ଷା କମିଟି ଗଠନ ପ୍ରଶିକ୍ଷଣ

ଆନନ୍ଦପୁର, ୨୪।୨(ସ୍ୱ.ପ୍ର.)

ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିଶୁ ସୁରକ୍ଷା ସମିତି, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଲୋକପ୍ରତିନିଧି, ସରକାରୀ କର୍ମଚାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିଶୁ ପ୍ରତିନିଧିମାନଙ୍କୁ ନେଇ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ସମିତି ଅଧିକାରୀ ଦେବାଙ୍ଗନା ବାରିକ ସୂଚନା ଦେଇଥିଲେ। ଏହି କମିଟି ପଞ୍ଚାୟତର ଶିଶୁମାନଙ୍କର ସୁରକ୍ଷା ଓ ଅଧିକାର ଉପରେ କାର୍ଯ୍ୟ କରିବେ। ଶିଶୁ ସୁରକ୍ଷା ଟ୍ରେନର କିଶୋର କୁମାର ରାଠୋର, ଶିଶୁ କିଏ, ଶିଶୁମାନଙ୍କର ଅଧିକାର, ଶିଶୁ ସୁରକ୍ଷା, ଶିଶୁ ସୁରକ୍ଷା କମିଟି ଓ ଏହାର ଗଠନ କିପରି ହୋଇଥାଏ ସେ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଓଆଇସି ରଶ୍ମୀରେଖା ସେନାପତି, ଝରଣା ଦାସ, ପ୍ରସନ୍ନ କୁମାର ସାହୁ, ଘସିପୁରା ବ୍ଲକ ଆଇସିଡିଏସ ସୁପରଭାଇଜର ଚନ୍ଦନା ମିଶ୍ର, ଶିକ୍ଷାବିତ୍ ସୁଶାନ୍ତ କୁମାର ସାହୁ, ଶାଳଦେଇ ସରପଞ୍ଚ ପଦ୍ମନାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସହାୟତା ଅପେକ୍ଷାରେ ଚକ୍ର ମୁଣ୍ଡା

କେନ୍ଦୁଝର, ୨୪।୨(ସ୍ୱ.ପ୍ର.)



ଚକ୍ର ମୁଣ୍ଡା।

କେନ୍ଦୁଝର ସଦର ବ୍ଲକ ନୂଆଗାଁ ଡିପାସାହିର ଚକ୍ର ମୁଣ୍ଡା (୬୦) ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଦୀର୍ଘ ୪୫ ବର୍ଷ ହେଲା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିବାରୁ ବିବାହ ମଧ୍ୟ କରି ନ ଥିବା ଜଣାପଡିଛି। ତାଙ୍କ ପୁତୁରା ଓ ଝିଆରୀ ମାନେ ତାଙ୍କର ପ୍ରତିପୋଷଣ କରୁଛନ୍ତି। ଭୋଟର ପରିଚୟପତ୍ରରେ ତ୍ରୁଟିପୂର୍ଣ୍ଣ ବୟସ ଯୋଗୁଁ ସେ ବୟସ୍କଙ୍କ ପାଇଁ ଥିବା ସୁବିଧା ପାଉ ନାହାନ୍ତି। ରୋଗଗ୍ରସ୍ତ ଥିବାରୁ କାମଧନ୍ଦା କରିପାରୁନଥିବାରୁ ଭଲ ଭାବରେ ଚିକିତ୍ସା ହୋଇ ପାରୁନାହାନ୍ତି। ସରକାରଙ୍କ ଆବାସିକ ଯୋଜନାରେ ଘର ମିଳିନାହିଁ କିମ୍ବା ବୃଦ୍ଧ ଭତ୍ତା ମିଳୁନଥିବାରୁ ଅଭାବ ଅନାଟନରେ ଚଳୁଥିବା କହିଛନ୍ତି। ରାଶନ କାର୍ଡ ମିଳିନଥିବାରୁ ସରକାରଙ୍କ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଓ ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ଗ୍ରାମବାସୀ କହିଛନ୍ତି। ସରକାର ଆଦିବାସୀଙ୍କ ବିକାଶ ପାଇଁ ବହୁ ଯୋଜନା ପ୍ରସ୍ତୁତ କରିଥିଲେ ହେଁ ସେସବୁର ସୁଫଳ ମିଳୁନଥିବାରୁ ତୁରନ୍ତ ସହାୟତା ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## ପଲିଥିନ ତଳେ ବିତୁଛି ଜୀବନ

ହାଟଡ଼ିହୀ, ୨୪।୨(ଡି.ଏନ.ଏ)

ଖୋଲା ପଡ଼ିଆରେ ପଲିଥିନ ମାରି ଥଣ୍ଡାକୁ ଖାତିର ନକରି ବଞ୍ଚିବାର ଆଶା ଜୁଟାଇ ସଂଘର୍ଷ କରି ଦିନ ରାତି କାଟୁଥିଲେ ମଧ୍ୟ ପ୍ରଶାସନର ନଜର ନାହିଁ। ସରକାର ଆମ ଗାଁ ଆମ ବିକାଶ ଯୋଜନା କରିବା ସହିତ ଗରିବ ବେସାହାରା ପରିବାରକୁ ବିଜୁ ପକ୍କାଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରି ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ କରୁଥିବା ବେଳେ ପ୍ରଶାସନର ଅବହେଳା ଯୋଗୁ ଯୋଜନା ବାଟବଣା ହେଉଥିବାରୁ ମେଲା କୁଡ଼ିଆରେ ଦିନ କାଟୁଥିବା ଲୋକଙ୍କ ପାଖରେ ଯୋଜନା ପହଞ୍ଚିପାରୁ ନାହିଁ। ଏଭଳି ଏକ ଦୟନୀୟ ଅସହାୟ ପରିବାର ମେଲା ପଡ଼ିଆରେ ପଲିଥିନ ତଳେ ଦିନ କାଟୁଥିବା କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଢେଙ୍କା ପଞ୍ଚାୟତର ଆଦିବାସୀ ଝଣଝଣା ଗ୍ରାମର ଅଭିରାମ ଗୋଇପାଇ ଓ ସୁରେନ ଗୋଇପାଇ। ତାଙ୍କର ବିଦାରକ ଅବସ୍ଥା ଓ ଜରାଜୀର୍ଣ୍ଣ ପରିସ୍ଥିତିକୁ ଲକ୍ଷ୍ୟକଲେ ବ୍ଲକ ଓ ନିର୍ବାଚନ ମଣ୍ଡଳୀର ନିର୍ବାଚିତ ପ୍ରତିନିଧି ନ ଥିବା ପରି ମନେ ହେଉଥିବା ବେଳେ ପ୍ରଶାସନର ସ୍ଥାଣୁତା, ଅନଭିଜ୍ଞତା ଥିବା ବାରି ହୋଇଥାଏ । ଅଭିରାମ ଗୋଇପାଇଙ୍କ ଏକ ଚାଳଘର ଥିଲା । ଦାରିଦ୍ର୍ୟତା ଏଭଳି ଥିଲା ଯେ ଘରର ଛପର କରିବା କଷ୍ଟକର ହୋଇପଡ଼େ ସେମାନଙ୍କ ପକ୍ଷରେ। ଏଭଳି ଅସହାୟ ଭାବେ ଦିନ କଟୁଛି ସେହିପରି ସୁଗେନ ଗୋଇପାଇ ମଧ୍ୟ ପଲିଥିନ ତଳେ ଦିନ କାଟୁଛନ୍ତି। ସ୍ୱାମୀ ସ୍ତ୍ରୀ ଦୁଇଜଣ ଛୋଟ ଛୋଟ ଛୁଆଙ୍କୁ ନେଇ ସେହି ପଲିଥିନ ତଳେ ରହୁଛନ୍ତି। କିନ୍ତୁ କେନ୍ଦୁଝର ଜିଲା ହାଟଡିହି ବ୍ଲକରେ ବହୁ ଗରିବ ଓ ଅସହାୟ ବ୍ୟକ୍ତି ଅଛନ୍ତି ଯାହାକି ସେମାନଙ୍କୁ ପକ୍କାଗୃହଟିଏ ପାଇବା ସ୍ୱପ୍ନ ହୋଇଛି । ସେହିପରି ପ୍ରାଣବନ୍ଧୁ ପାଣିଗ୍ରାହୀ ଅବସ୍ଥା ସେହିପରି ଦୁଇ ପରିବାର ଗୋଟିଏ ଭଙ୍ଗା ଘରେ ଦିନ କଟୁଥିବା ବେଳେ ଶୀତ ଓ ବର୍ଷା ଆସିଲେ ଭୟ ସୃଷ୍ଟି ହୁଏ ଓ ଘରେ ଶୋଇଲେ ମଧ୍ୟ ଫଟା କାନ୍ଥ, ଚାଳଛପର ଗଳିପଡ଼ିବା ଭୟ ଲାଗେ । ଏମାନଙ୍କୁ କେବେ ଘର ମିଳିବ ତାହା ନେଇ ସେ ଚିନ୍ତିତ ହୋଇପଡୁଛନ୍ତି । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଉକ୍ତ ପରିବାରଙ୍କୁ ପକ୍କାଗୃହ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି ।